## ଶାଶ୍ୱତୀ ନାଟ୍ୟ ସଂସ୍ଥାର ପ୍ରଯୋଜିତ ନାଟକ

# 'ବସା ଘର' ଜାତୀୟସ୍ତରରେ ପୁରସ୍କୃତ



**ବ୍ରହ୍ମପୁର, ୧୧।୬(ସମିସ):** ନିଖିଳ ଉତ୍କଳ କଳା ନିକେତନ, କଟକ ଦ୍ୱାରା ଚାଳିତ ମାସ ୮ ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଆୟୋଜିତ (୭ମ ଷ୍ଟାର କଲ୍‌ଚରାଲ ଫେଷ୍ଟିଭାଲ) ସର୍ବ ଭାରତୀୟ ବହୁ ଭାଷୀ ନାଟକ ଏବଂ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବ୍ରହ୍ମପୁର ସହରର ଅଗ୍ରଣୀ ନାଟ୍ୟ ସଂସ୍ଥା 'ଶାଶ୍ୱତୀ' ଉଦଦାଟନୀ ସନ୍ଧ୍ୟାରେ ସୁଶ୍ରୀ ଭାଗ୍ୟ ଲକ୍ଷ୍ମୀ ମହାରଣାଙ୍କ ରଚିତ ଏବଂ ରାମ ଚନ୍ଦ୍ର ସାସମଲଙ୍କ ନିର୍ଦ୍ଦେଶିତ ନାଟକ 'ବସା ଘର' ପରିବେଷଣ କରାଯାଇଥିଲା। ଏହି ନାଟକ ଦର୍ଶକଙ୍କ ଦ୍ୱାରା ଆଦୃତ ଲାଭ କରି ଅନେକ ପ୍ରଶଂସା ସାଉଁଟିଛି। ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ମାନଙ୍କୁ ନିର୍ଯାତନା, ପ୍ରତାରଣା ଓ ଜୀବନ ଯନ୍ତ୍ରଣାରେ ପୀଡ଼ିତାଙ୍କୁ ମର୍ଯ୍ୟଦରେ ବଞ୍ଚିବାର ବାଟ ଦେଖାଇ ନିଜ ଘରେ ରଖି ସ୍ନେହ ପ୍ରେମ ଶ୍ରଦ୍ଧା ଆଦରରେ ଦାରୁଣ ବେଦନା ସହ୍ୟ କରି ଥିବା ଅନ୍ୟ ଜଣେ ନାରୀଙ୍କ କାହାଣୀ ବିଷୟ ଉପରେ ଆଧାରିତ ଥିଲା। ନାରୀଟିଏ ହିଁ ନାରୀର ଦୁଃଖ ଯନ୍ତ୍ରଣା ବୁଝିପାରିବ, ନାରୀଟିଏ କେବେ ହେଲେ ନାରୀର ଶତ୍ରୁ ନୁହେଁ ଏହି ଧାରାରେ ଉକ୍ତ ପ୍ରତିଯୋଗିତାରେ ୨ୟ ଶ୍ରେଷ୍ଠ ପ୍ରଯୋଜନା, ୨ୟ ଶ୍ରେଷ୍ଠ ନିର୍ଦ୍ଦେଶନା ଭାବେ ରାମଚନ୍ଦ୍ର ସାସମଲ, ୩ ୟ ସ୍ରେଷ୍ଠ ପାଣ୍ଡୁଲିପି ପାଇଁ ଭାଗ୍ୟ ଲକ୍ଷ୍ମୀ ମହାରଣା, ୧ମ ଶ୍ରେଷ୍ଠ ଅଭିନେତ୍ରୀ ଯଶୋଦା ବେହେରା, ୨ୟ ଶ୍ରେଷ୍ଠ ଅଭିନେତ୍ରୀ ଜାହ୍ନବୀ ପଣ୍ଡା, ୧ମ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ପିଙ୍କି ପରିଡ଼ା ସମେତ ୨ୟ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶନା ଅରୁଣ କୁମାର ସାହୁ ପୁରସ୍କୃତ ହୋଇଛନ୍ତି। ଉକ୍ତ ସଫଳତା ହାସଲ ପ୍ରଭୁ ଜଗନ୍ନାଥଙ୍କ କୃପାରୁ, ତଥା ବ୍ରହ୍ମପୁର ସହରର କଳାପ୍ରେମିଙ୍କ ଆଶୀର୍ବାଦ, ସ୍ନେହ ଶ୍ରଦ୍ଧା ଭଲପାଇବା, ସାହାଯ୍ୟ ସହଯୋଗ ଯୋଗୁଁ ହୋଇ ପାରିଛି ବୋଲି ନାଟ୍ୟ ସଂସ୍ଥାର ସମ୍ପାଦକ ସୁନିଲ କୁମାର ସ୍ୱାଇଁ ଜଣାଇଛନ୍ତି।

# ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

**ବ୍ରହ୍ମପୁର, ୧୧।୬(ସମିସ):** ବାଇଗଣବାଡ଼ି ଅଞ୍ଚଳରେ ଏକ ଦମ୍ପତି ଓ ତାଙ୍କ ପୁଅକୁ ଆକ୍ରମଣ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ବାଇଗଣବାଡ଼ି ସ୍କୁଲ ସାହିର ଶାନ୍ତିଲତା ପାତ୍ର ଓ ବାଇକ ପାତ୍ର ନାମକ ଏକ ଦମ୍ପତିଙ୍କୁ ଉକ୍ତ ଗ୍ରାମର ଶିବ ସେଠୀ ମଦ୍ୟପାନ କରି ଆସି ତାଙ୍କୁ ମାଡ଼ମାରିବା ସହ ଗାଳି ଗୁଲଜ କରିଥିଲେ। ଏ ଖବର ଶୁଣି ଦମ୍ପତିଙ୍କ ପୁଅ ଘଟଣା ସ୍ଥଳରେ ପହଞ୍ଚି ପ୍ରତିବାଦ କରିବାକୁ ତାଙ୍କୁ ମଧ୍ୟ ମାଡ଼ମାରିଥିଲା ଶିବ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

## ଖାଉଟି ଉପରେ ଦରବୃଦ୍ଧି ଛାଟ

# ବ୍ରହ୍ମପୁରରେ ପରିବା ଦର ଆକାଶଛୁଆଁ





- ପିଆଜ, ଟମାଟୋ ଦର ବଢ଼ିଛି, ବିନ୍ସ ଆସୁନି
- ବଢ଼ିଚାଲିଛି ଅଦା ଓ ରସୁଣ ଦର

**ବ୍ରହ୍ମପୁର, ୧୧।୬(ସମିସ)**

ଦିନକୁ ଦିନ ବ୍ରହ୍ମପୁର ସହରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ପାଇଛି। ଏଥିଯୋଗୁଁ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖରା ଓ ଗରମ ବଢ଼ିବା ସାଙ୍ଗକୁ ପରିବା ସମେତ ଅନ୍ୟାନ୍ୟ ଦର ବୃଦ୍ଧି ଘଟିବା ସାଧାରଣ ଲୋକଙ୍କୁ ବ୍ୟଥିତ କରିଛି। ବିଶେଷ କରି ଟମାଟ, ପିଆଜ ସମେତ ଓଦା ଓ ରସୁଣ ଦର ମଧ୍ୟ ବଢ଼ିଯାଇଛି। ଦରବୃଦ୍ଧି ଯୋଗୁଁ ଲୋକେ ଉକ୍ତ ପରିବା ପ୍ରତି ମୁହଁ ଫେରାଉଛନ୍ତି। ଏହିକ୍ରମରେ ଯେତିକି ପରିମାଣରେ ବ୍ରହ୍ମପୁର ବଜାରକୁ ଜିନିଷ ଆସିବା କଥା ତାହା କମିଯାଇଛି। ଏହି ଧାରା ଜାରି ରହିଲେ ମଧ୍ୟବିତ୍ତ ଓ ଗରିବ ପରିବାର ଅନେକ ପରିବା ପ୍ରତି ବିମୁଖ ହେବେ ଏଥିରେ ସନ୍ଦେହ ନାହିଁ ବୋଲି କୁହାଯାଇଛି। ବ୍ରହ୍ମପୁର ସହର ବ୍ୟବସାୟର ପେଣ୍ଠସ୍ଥଳି ହୋଇଥିବା ବେଳେ ବିଭିନ୍ନ ସ୍ଥାନରୁ ଏଠାକୁ ପରିବା ଆମଦାନୀ ଓ ରପ୍ତାନି ହୋଇଥାଏ। ହେଲେ ଗତ କିଛିଦିନ ହେବ ପରିବା ଦର ବଢ଼ିଥିବା ଯୋଗୁଁ ଖାଉଟିଙ୍କ ମନ ଊଣା ହୋଇଯାଇଛି। ଯେଉଁ ଉତ୍ସାହର ସହିତ ବେପାରୀଟିଏ ବିଭିନ୍ନ ପରିବା ଆଣୁଥିଲେ ତାହା ବି କମିଯାଇଛି। କାରଣ ଖାଉଟିଙ୍କ ପସନ୍ଦ ଥିବା ଅନେକ ପନି ପରିବା ଦର ଦିନକୁ ଦିନ ବଢ଼ିବାରେ ଲାଗିଛି। ବ୍ରହ୍ମପୁର ବଜାରରେ ମଙ୍ଗଳବାର ଟମାଟ କିଲୋ ୭୦ଟଙ୍କା ରହିଥିଲା। ଏହା ପୂର୍ବରୁ ୪୦-୫୦ଟଙ୍କା ଉପଲବ୍ଧ ହେଉଥିଲା। ଏହିକ୍ରମରେ ଟମାଟୋ ପେଟି ପିଛା ୧୪୦୦ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ପିଆଜ ଦର ୩୦ଟଙ୍କା ରହିଥିବା ବେଳେ ତାହା ଏବେ ୪୦ପାର କରିଛି। ସେହିଭଳି ଫୁଲକୋବି କିଲୋ ପୂର୍ବରୁ ୫୦ଟଙ୍କା ରହିଥିବା ବେଳେ ତାହା ସମ୍ପ୍ରତି ୭୦ଟଙ୍କାକୁ ବୃଦ୍ଧି ପାଇଛି। ଭେଣ୍ଡି ଦର ମଧ୍ୟ ବଢ଼ିଛି। କିଲୋ ୩୦ଟଙ୍କାରେ ମିଳୁଥିବା ଭେଣ୍ଡି ଏବେ ୭୦ଟଙ୍କାରେ ପହଞ୍ଚିଛି। କଟିକିପୋଟଳ ଦରରେ ମଧ୍ୟ ଲଗାମ ନାହିଁ। ୬୦ଟଙ୍କାରେ ମିଳୁଥିବା ଏହି ପରିବା ଏବେ ୮୦ଟଙ୍କା ହୋଇଛି। ସେହିଭଳି କିଲୋ ପିଛା କଞ୍ଚାଲଙ୍କା ୫୦ଟଙ୍କା, କାକୁଡ଼ି ୬୦ଟଙ୍କା, ଲେମ୍ବୁ ୨୫ଟଙ୍କା, ଜହ୍ନି ୬୦ଟଙ୍କା, କାଙ୍କଡ଼ ୮୦ଟଙ୍କା ରହିଛି। ସେହିଭଳି ଦରବୃଦ୍ଧି ଯୋଗୁଁ ବିନ୍ସ ବଜାରକୁ ଆସୁନଥିବା ବେଳେ ଏହା କିଲୋ ପିଛା ୧୬୦-୧୮୦ଟଙ୍କା ପର୍ଯ୍ୟନ୍ତ ରହିଥିବା ଜଣାଯାଇଛି। ଅନୁରୂପ ଭାବେ ୩୦କିଲୋ ଆଳୁ ଏବେ ୧୨୦୦ଟଙ୍କା ହୋଇଛି। ଏହି ଦର ଗତ କିଛିଦିନ ହେବ ସ୍ଥିର ରହିଥିଲେ ହେଁ ବଢ଼ିବା ଆଶଙ୍କା ବୃଦ୍ଧି ପାଇଥିବା ବ୍ୟବସାୟୀ ମହଲରୁ ପ୍ରକାଶ ପାଇଛି। ସେହିଭଳି ଓଦା ରସୁଣ ଦର କଥା କହିଲେ ନସରେ। ବର୍ତ୍ତମାନ ବ୍ରହ୍ମପୁର ବଜାରରେ ଓଦା ଓ ରସୁଣ ଦର ୧୬୦ରୁ ଊର୍ଦ୍ଧ୍ୱ ଟଙ୍କା ରହିଛି। ଫଳରେ ଖାଉଟି ଅନେକ ସାମଗ୍ରୀରୁ ମୁହଁ ଫେରାଇବାରେ ଲାଗିଛନ୍ତି। ଦର ନିୟନ୍ତ୍ରଣ ନହେଲେ ଏଥିଦ୍ୱାରା ମଧ୍ୟବିତ୍ତ ଓ ଗରିବ ପରିବାର ପ୍ରଭାବିତ ହେବେ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲା ପନିପରିବା ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଆଣିଥିଲେ ହେଁ ଗତ କିଛିବର୍ଷ ହେବ ଏଠାରେ ବିଭିନ୍ନ ପନିପରିବା ଉତ୍ପାଦନ କମୁଥିବା ଲକ୍ଷ୍ୟ କରାଯାଇଛି। ବିଭିନ୍ନ ସମୟରେ ବର୍ଷାର ଅଭାବ ସାଙ୍ଗକୁ ପାଣିପାଗ ପରିବର୍ତ୍ତନ, ବ୍ୟବସାୟୀକରଣ ଇତ୍ୟାଦି ଅଭାବ ଯୋଗୁଁ ଚାଷୀମଧ୍ୟ ପରିବା ଚାଷରୁ ବିମୁଖ ହେଲେଣି। ତେବେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଚାଷ ପ୍ରତି ପ୍ରୋତ୍ସାହନ ଓ ପ୍ରତି ପଞ୍ଚାୟତରେ ଶୀତଳଭଣ୍ଡାର ନିର୍ମାଣ ଆଦି କାର୍ଯ୍ୟକୁ ଗୁରୁତ୍ୱ ଗଞ୍ଜାମରେ ପନିପରିବା ଦର ନିୟନ୍ତ୍ରଣ ରହିପାରିବ ବୋଲି ଅଗ୍ରଣୀ ଚାଷୀମାନେ କହିଛନ୍ତି। ଅପରପକ୍ଷେ ପରିବା ଦର ବୃଦ୍ଧି ନେଇ କିଛି ଅସାଧୁ ବ୍ୟବସାୟୀ ଚଡ଼ା ଦରରେ ମଧ୍ୟ ପରିବା ବିକ୍ରୀ କରୁଥିବା ଅଭିଯାଗ ହେଉଛି। ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

# ଧର୍ମପରାୟଣା ମହିଳାଙ୍କ ପରଲୋକ

**ବ୍ରହ୍ମପୁର, ୧୧।୬(ସମିସ):** ସ୍ଥାନୀୟ ଗଜପତି ନଗର ୬ଷ୍ଠ ଲାଇନ ନିବାସୀ ପ୍ରମୋଦିନୀ ପଟ୍ଟନାୟକଙ୍କର ମଙ୍ଗଳବାର ଭୋର ୪.୩୦ରେ ନିଜ ବାସଭବନରେ ଛାତି ଯନ୍ତ୍ରଣା ଯୋଗୁଁ ଦେହାନ୍ତ ଘଟିଛି। ତାଙ୍କୁ ପରିବାର ଲୋକେ ଏମକେସିଜି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା



କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। କିଛିଦିନ ଧରି ସେ ରୋଗରେ ପୀଡିତ ହୋଇ ଚିକିତ୍ସାଧିନ ଥିଲେ। ସ୍ୱର୍ଗତା ପ୍ରମୋଦିନୀ ହେଉଛନ୍ତି ଯୁବ ଆଇନଜୀବୀ ବିଶ୍ୱରଞ୍ଜନ ପଟ୍ଟନାୟକଙ୍କ ମାତା ଓ ଇଡ୍‌କୋର ପୂର୍ବତନ ଉପ ପ୍ରବନ୍ଧକ ଇଂ. ଉମାକାନ୍ତ ପଟ୍ଟନାୟକଙ୍କ ଧର୍ମପତ୍ନୀ। ପୂର୍ବରୁ ଇଂ. ଉମାକାନ୍ତ ପଟ୍ଟନାୟକଙ୍କର ଦେହାନ୍ତ ହୋଇସାରିଛି। ପ୍ରମୋଦିନିଙ୍କ ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଦୁଇ ଝିଅ ଓ ପୁଅଙ୍କ ସମେତ ନାତିନାତୁଣି ଓ ଜ୍ୱାଇଁମାନେ ଉପସ୍ଥିତ ଥିଲେ। ସ୍ୱର୍ଗତା ପ୍ରମୋଦିନୀ ପଟ୍ଟନାୟକ ଜଣେ ମେଳାପୀ, ଧର୍ମପରାୟଣା, ସ୍ନେହୀ, ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କର ବିୟୋଗରେ ଗଜପତିନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଦ୍ୟାମନ୍ଦିର ବିଭାଗ ଦକ୍ଷିଣ ପୂର୍ବ ସମ୍ଭାଗସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

**ବ୍ରହ୍ମପୁର, ୧୧।୬(ସମିସ)**



ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗରରେ ଦକ୍ଷିଣପୂର୍ବ ସମ୍ଭାଗସ୍ତରୀୟ ଚାରିଦିନ ବ୍ୟାପି ଆଚାର୍ଯ୍ୟ ପ୍ରଶିକ୍ଷଣ ବର୍ଗ ସଫଳତା ସହ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ବର୍ଗରେ ଗଞ୍ଜାମ, ଗଜପତି ଓ ଫୁଲବାଣୀର ପ୍ରାୟ ୨୪୦ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଶିକ୍ଷାବିକାଶ ସମିତି ଦକ୍ଷିଣପୂର୍ବ ସମ୍ଭାଗର ବିଭିନ୍ନ ଶିଶୁମନ୍ଦିରରୁ ଯୋଗଦେଇ ପ୍ରଶିକ୍ଷିତ ହୋଇଥିଲେ। ଉକ୍ତ ବର୍ଗରେ ପ୍ରଶିକ୍ଷଣ ଦେବା ପାଇଁ ଓଡ଼ିଶାର ସୁନାମଧନ୍ୟ ଶିକ୍ଷାବିତ୍‌ମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଦ୍ୟାମନ୍ଦିର ବିଭାଗର ସହ ଶୈକ୍ଷିକ ସଂଯୋଜକ ଆଶିଷ କୁମାର ରଥ, କୁଇନ୍ ଅଫ୍ ଦ ମିଶନ୍ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ପାଣିଗ୍ରାହୀ, ଭି.ଭି. ଗିରି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଉପାଳି ଅପରାଜିତା, ବରିଷ୍ଠ ଶିକ୍ଷକ ପ୍ରିୟତୋଷ ପାଢ଼ୀ, ସରକାରୀ କ୍ରୀଡ଼ା ଶିକ୍ଷକ ଧୀରସମୀର ପାଣିଗ୍ରାହୀ, ଯୋଗଗୁରୁ ଜଗନ୍ନାଥ ପାଣିଗ୍ରାହୀ, ଗୋବିନ୍ଦନଗର ଉନ୍ନିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ବନିତା ବିଷୋୟୀ, ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ଜେନା, ଲାଠି ସଂସ୍କୃତ ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋପାଳକୃଷ୍ଣ ପାଢ଼ୀ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଶରତ କୁମାର ଜେନା, ସରକାରୀ ଶିକ୍ଷକ ଶଙ୍କର ମହାରଣା, ସରକାରୀ ଶିକ୍ଷକ ସିଦ୍ଧାର୍ଥ ସ୍ୱାଇଁ, ଫୁଲବାଣୀ ବିଭାଗର ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ ଆଦି ପ୍ରମୁଖ ପ୍ରଶିକ୍ଷକମାନେ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଶୈକ୍ଷିକ ବିକାଶ ସହ ବୌଦ୍ଧିକ, ଅଧ୍ୟାତ୍ମିକ, ଶାରୀରିକ ବିକାଶ କରାଇବାରେ ସହାୟକ ହୋଇଥିଲେ। ପ୍ରଥମ ଦିବସର ଉଦ୍‌ଘାଟନୀ ଉତ୍ସବ ପରିଚାଳନା ସମିତିର ସଭାପତି ଜୀବାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ସମ୍ପାଦନ ହୋଇଥିଲା। ବିଦ୍ୟାମନ୍ଦିରର ଅଧକ୍ଷ ଏସ୍. ମୋହନ ରାଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ, ପଦ୍ମନାଭ ସାମଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ ସଂଘ ଚାଳକ ତଥା ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ଭଗବାନ ତ୍ରିପାଠୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷଦିନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉପଦେଷ୍ଟା ଦୀପକ ମହାରଣା ନିଜର ବହୁମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ଡ. ହରିକୃଷ୍ଣ ନାୟକ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ, ଡଃ. ପ୍ରସନ୍ନ କୁମାର କର, ହରିକୃଷ୍ଣ ପାଢ଼ୀ, ମହିଳା ସଦସ୍ୟା ଇଂ. ମମତା ପାଣିଗ୍ରାହୀ, ପ୍ରଣତି ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

- ପୁଲିସକୁ ଖୋଲା ଚାଲେଞ୍ଜ

# ଫାଣ୍ଡି ସମ୍ମୁଖରୁ ବାଇକ୍ ଚୋରି

**ବ୍ରହ୍ମପୁର, ୧୧।୬(ସମିସ)**

ସହରରେ ବୃଦ୍ଧି ପାଇବାରେ ଲାଗିଛି ଚୋରି ମାମଲା। ପେଟ୍ରୋଲିଂ କଡାକଡି ହେଉନଥିବାରୁ ଚୋରି ବଢୁଥିବା ଅଭିଯୋଗ ହୋଇଛି। କେତେବେଳେ ଘର ସମ୍ମୁଖରୁ ଗାଡ଼ି ଚୋରି ହେଉଛି ତ ଆଉ କେତେବେଳେ ଅଫିସ, ପରିବା ମାର୍କେଟ, ମଲ ଓ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରୁ ଗାଡି ଚୋରି ହେଉଥିବା ଅଭିଯୋଗ ରହିଛି। ଏଭଳି ପରିସ୍ଥିତିରେ ପୁଲିସ ଆଉଟପୋଷ୍ଟ ସମ୍ମୁଖରୁ ବାଇକ ଚୋରି କରିବାକୁ ପଛାଇ ନାହାନ୍ତି ଦୁର୍ବୃତ୍ତ। ଏଭଳି ଘଟଣା ଭିଆଇ ପୁଲିସକୁ ଖୋଲାଖୋଲି ଚାଲେଞ୍ଜ ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଗତ କିଛିଦିନ ପୂର୍ବେ ନୂଆଁ ବସଷ୍ଟାଣ୍ଡ ନିକଟରେ ଥିବା ପୁଲିସ ଆଉଟପୋଷ୍ଟ ନିକଟରୁ ଏକ ବାଇକ ଚୋରି ହେଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଶେରଗଡ଼ ଥାନା ଅନ୍ତର୍ଗତ ସୁନାଥର ଗ୍ରାମର ଗୋପାଳକୃଷ୍ଣ ଗୌଡ଼ କିଛିଦିନ ପୂର୍ବେ ନିଜ ମୋଟର ସାଇକେଲକୁ ନୂଆ ବସଷ୍ଟାଣ୍ଡ ପରିସରରେ ଥିବା ପୁଲିସ ଆଉଟପୋଷ୍ଟ ନିକଟରେ ପାର୍କିଂ କରି ବେଲଗୁଣ୍ଠାକୁ ଡ୍ୟୁଟିରେ ଯାଇଥିଲେ। ଡ୍ୟୁଟି ସାରି ଫେରିବା ବେଳକୁ ତାଙ୍କ ଗାଡ଼ିଟି ନଥିବା ଦେଖି ଗୋପାଳ ବ୍ୟସ୍ତ ହୋଇ ସ୍ଥାନୀୟ ଅଞ୍ଚଳରେ ଖୋଜା ଖୋଜି କରିଥିଲେ। ତେବେ ସେ ନିରାଶ ହୋଇଥିଲେ। ଶେଷରେ ସେ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ଗତ ବିଳମ୍ବିତ ରାତିରେ ସ୍ଥାନୀୟ ଟାଉନ ଥାନା ଅନ୍ତର୍ଗତ ଖଲାସୀ ସାହିରେ ଜଣେ ଯୁବକ ଘର ସମ୍ମୁଖରେ ପାର୍କିଂ ହୋଇଥିବା ଏକ ମୋଟର ସାଇକେଲକୁ ଚୋରୀ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଏହି



ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଯାହା ସାମାଜିକ ଗଣମାଧ୍ୟମରେ ପ୍ରବଳ ମାତ୍ରାରେ ଭାଇରାଲ ହେବାରେ ଲାଗିଛି। ଚୋରି ଉଦ୍ୟମ କରି ବିଫଳ ହେବା ଭଳି ଘଟଣାରୁ ସହରରେ ଚୋର ଗ୍ୟାଙ୍ଗ ସକ୍ରିୟ ଥିବା ସ୍ପଷ୍ଟ ହେଉଛି। ଏଣୁ ସହରରେ ସକ୍ରିୟ ଚୋରୀ ଗ୍ୟାଙ୍ଗକୁ ଧରିବାକୁ ହେଲେ ଓ ଏହି ହାରକୁ କମାଇବାକୁ ହେଲେ ୨୪ଘଣ୍ଟିଆ ତଥା ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି।




## ଆଜି ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ

# ୫ବର୍ଷରେ ଉଦ୍ଧାର ହୋଇଛନ୍ତି ୨୪ ଶିଶୁଶ୍ରମିକ

**ବ୍ରହ୍ମପୁର, ୧୧।୬(ସମିସ)**

ଶିଶୁମାନେ ହିଁ ଦେଶ ତଥା ବିଶ୍ୱର ଭବିଷ୍ୟତ। ଏଣୁ ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ପ୍ରତି ବର୍ଷ ଜୁନ୍ ୧୨ତାରିଖକୁ ସାରା ବିଶ୍ୱରେ ଶିଶୁଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି। ୨୦୦୨ମସିହାରେ ଆନ୍ତର୍ଜାତିକ ଶ୍ରମ ସଂଗଠନ(ଆଇଏଲଓ) ଦ୍ୱାରା ପ୍ରଥମେ ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ ପାଳନ କରାଯାଇଥିଲା। ଶିଶୁର ବଞ୍ଚିବାର ଅଧିକାର, ଶିକ୍ଷା ଅଧିକାର ଓ ନିଜର ମତପ୍ରକାଶ କରିବାର ଅଧିକାର, ନିରାପତ୍ତା ଅଧିକାର ଉପରେ ଗୁରୁତ୍ୱ ଦିଆଯିବା ସହ ସେମାନଙ୍କୁ ଏକ ଉତ୍ତମ ନାଗରିକ ଭାବେ ଗଢିତୋଳିବା ହେଉଛି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହି ଦିବସରେ ଶିଶୁଶ୍ରମିକଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ। ଶିଶୁଶ୍ରମିକ ନିରୋଧ ଆଇନ ଥାଇ ମଧ୍ୟ ଆମ ଦେଶରେ ଶିଶୁଶ୍ରମିକଙ୍କ ସଂଖ୍ୟା ଚିନ୍ତାଜନକ ସ୍ଥିତିରେ ରହିଛି। ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ଶିଶୁଶ୍ରମିକଙ୍କୁ ବିଭିନ୍ନ କ୍ଷେତ୍ରରେ ନିୟୋଜିତ କରାଯାଉଛି। ଫଳରେ ସେମାନେ ଶୋଷଣ ଓ ନିର୍ଯାତନାର ଶିକାର ହେଉଛନ୍ତି। ସେମାନଙ୍କୁ ରାଜ୍ୟ ବାହାରକୁ ମଧ୍ୟ ଚାଲାଣ କରାଯାଉଛି। ଅନେକେ ଯୌନ ନିର୍ଯାତନାର ମଧ୍ୟ ଶିକାର ହେଉଥିବା ନଜିର ରହିଛି। ଗତ ୫ବର୍ଷ ମଧ୍ୟରେ ବ୍ରହ୍ମପୁର ଓ ଭଞ୍ଜନଗର ଶ୍ରମଜିଲ୍ଲାରୁ ମୋଟ ୨୪ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ଶ୍ରମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶ୍ରମ ଓ



> ୧୭ଟି ପ୍ରତିଷ୍ଠାନ ବିରୋଧରେ ହୋଇଛି ମାମଲା: ଶ୍ରମ ଅଧିକାରୀ

ରାଜ୍ୟ କର୍ମଚାରୀ ବିମା ବିଭାଗ ପକ୍ଷରୁ ମୋଟ ୩୦ଟି ପ୍ରତିଷ୍ଠାନ ଉପରେ ଚଡାଉ କରାଯାଇଛି। ଏହି ଘଟଣାକୁ ନେଇ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଷ୍ଠାନ ବିରୋଧରେ ୧୭ଟି ମାମଲା ମଧ୍ୟ ରୁଜୁ କରାଯାଇଛି। ସେଥି ମଧ୍ୟରୁ ୨୦୧୯ମସିହାରେ ୭ଟି ପ୍ରତିଷ୍ଠାନ ଉପରେ ଚଢଉ କରି ୪ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇ ଘଟଣାକୁ ନେଇ ୪ଟି ମାମଲା ରୁଜୁ କରାଯାଇଛି। ସେହିଭଳି ୨୦୨୦ମସିହାରେ ୩ଟି ପ୍ରତିଷ୍ଠାନ ଉପରେ ଚଢାଉ କରି ୩ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇ ୨ଟି ମାମଲା ରୁଜୁ କରାଯାଇଛି। ସେହିପରି ୨୦୨୧ମସିହାରେ ୮ଟି ପ୍ରତିଷ୍ଠାନ ଉପରେ ଚଢାଉ କରି ମୋଟ ୭ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇ ୩ଟି ମାମଲା ରୁଜୁ ହୋଇଛି।

ସେହିଭଳି ୨୦୨୨ମସିହାରେ ୫ଟି ପ୍ରତିଷ୍ଠାନ ଉପରେ ଚଢାଉ କରି ୪ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇ ୪ଟି ମାମଲା ରୁଜୁ ହୋଇଛି। ଅନୁରୁପ ଭାବେ ୨୦୨୩ମସିହାରେ ୭ଟି ପ୍ରତିଷ୍ଠାନ ଉପରେ ଚଢାଉ କରି ମୋଟ ୬ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏନେଇ ୪ଟି ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଶ୍ରମ ଜିଲ୍ଲା ଅଧିକାରୀ ରବୀନ୍ଦ୍ର ତ୍ରିପାଠୀ କହିଛନ୍ତି। ଅନ୍ୟପକ୍ଷରେ ଦାରିଦ୍ର୍ୟ ହିଁ ଜନ୍ମ ଦେଉଛି ଶିଶୁଶ୍ରମିକଙ୍କୁ। ଅର୍ଥାତ ଦାରିଦ୍ର୍ୟ ଦୂର ନହେଲେ କୌଣସି ଆଇନ କିମ୍ବା ଯୋଜନାରୁ ସୁଫଳ ମିଳିବ ନାହିଁ। ଦାରିଦ୍ର୍ୟ, କ୍ଷୁଧା ଓ ରୋଗ ଦୂରୀକରଣ ପାଇଁ ଜାତିସଂଘର ଲକ୍ଷ୍ୟ ଏପର୍ଯ୍ୟନ୍ତ ପୂରଣ ହୋଇପାରି ନଥିବାରୁ ଶିଶୁଶ୍ରମିକ ଭଳି ଘୃଣ୍ୟପ୍ରଥାକୁ ରୋକିବା କଷ୍ଟକର ହୋଇପଡ଼ିଛି। ଦାରିଦ୍ର୍ୟ ଯୋଗୁଁ ଅନେକ ଶିଶୁ ଅଧାରୁ ପାଠପଢ଼ା ଛାଡି ଶିଶୁଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଶିଶୁଶ୍ରମିକ ନିରୋଧ ଆଇନ କାର୍ଯ୍ୟକାରୀ କରିବାରେ ମାନସିକତାର ଅଭାବ ହିଁ ଏହାର ମୁଖ୍ୟ କାରଣ ରହିଛି।ବିଶେଷକରି ମହାମାରୀ କରୋନା ଯୋଗୁଁ ଦାରିଦ୍ର୍ୟ ବୃଦ୍ଧି ପାଇବା ସହ ଲକ୍ଷ ଲକ୍ଷ ଅସହାୟ ଶିଶୁଶ୍ରମିକ ପାଲଟିବେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ସେହିପରି ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧୀନରେ ଶ୍ରମବିଭାଗ, ପୁଲିସ, ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ରହିଛି। ଆଇନକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ କମିଟି ମୋଟା ଅଙ୍କର ଅର୍ଥ ମଧ୍ୟ ଖର୍ଚ୍ଚ କରୁଛି। ହେଲେ ଅଭାବ ରହିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣରେ। କମିଟି କେବଳ ସୂଚନା କିମ୍ବା ଅଭିଯୋଗ ପାଇଲେ ଶିଶୁଶ୍ରମିକଙ୍କୁ ଉଦ୍ଧାର କରୁଛି। ଶିଶୁମାନଙ୍କୁ ଶ୍ରମିକ ଭାବରେ ନିୟୋଜିତ କରୁଥିବା ବ୍ୟକ୍ତି ବା ପ୍ରତିଷ୍ଠାନ ବିରୋଧରେ କୌଣସି ପ୍ରକାରର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ହୋଇଛି।

# ଧୁମଧାମ୍‌ରେ ଚାଲିଛି ଆଙ୍କୁଲି ମା' କନକ ଦୁର୍ଗା ବୁଢ଼ୀ ଠାକୁରାଣୀ ଯାତ୍ରା








**ବ୍ରହ୍ମପୁର,୧୧।୬(ସମିସ):** ଆଙ୍କୁଲିର ଆରାଧ୍ୟ ଦେବୀ ମା' କନକ ଦୁର୍ଗା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଧୁମଧାମରେ ଚାଲିଛି। ଯାତ୍ରା ଲାଗି ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇଛି। ପ୍ରତି ସାହିରେ କଳାକୁଞ୍ଜ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକମାଳା ସମସ୍ତଙ୍କୁ ବିମୋହିତ କରୁଛି। ଗୁରୁବାର ରାତିରେ ମା' ଗ୍ରାମ ପରିକ୍ରମା କରି ସ୍ୱ ମନ୍ଦିର ଫେରିବେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏଣେ ଯାତ୍ରା ଶେଷରେ ପ୍ରବଳ ଭିଡ଼ ପରଲକ୍ଷିତ ହେଉଛି। ଅସ୍ଥାୟୀ ପୀଠରେ ପ୍ରତିଦିନ ହେଉଛି ପୂଜାର୍ଚ୍ଚନା। ସକାଳୁ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ବାଳଭୋଗ ଲାଗି ହେଉଛି। ସନ୍ଧ୍ୟାରେ ମା'ଙ୍କ ଆଳତୀ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଲାଗି ରହୁଛି। ମା'ଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଯାତ୍ରା ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମଧ୍ୟାହ୍ନରେ ଓ ରାତିରେ ଅନ୍ନଭୋଗ ହେଉଛି। ରାତିରେ ମା'ଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରୁଛି। ଏହି ସମୟରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ଦେଖାଦେଉଛି। ବାଜାବାଜଣା ସହିତ ଭଳିକି ଭଳି ପଟୁଆରରେ ମା' ପରିକ୍ରମା କରୁଥିବା ବେଳେ ଏଥିରେ ହଜାର ହଜାର ସଂଖ୍ୟା ଶ୍ରଦ୍ଧାଳୁ ମଧ୍ୟ ସାମିଲ ହେଉଛନ୍ତି। ଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ସାହିରେ ସାହି ବାସିନ୍ଦାଙ୍କ ପକ୍ଷରୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ଗଢ଼ି ଉଠିଛି ମେଢ ଓ କଳାକୁଞ୍ଜ। କାଳିଞ୍ଜି ସାହିରେ ପ୍ରଭୁ ଜଗନ୍ନାଥଙ୍କ କଳାକୁଞ୍ଜ ଲୋକଙ୍କ ମନମୋହୁଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ବିଭିନ୍ନ ସାହିରେ ଲୋକଙ୍କ ଗହଳି ଜମୁଛି। କଳାକୁଞ୍ଜ ଦେଖିବା ସହ ଲୋକେ ଯାତ୍ରାର ମଜା ନେଉଛନ୍ତି। ସେହିପରି ଶିଶୁମାନଙ୍କ ମନୋରଞ୍ଜନ ପାଇଁ ହୋଇଛି ମୀନା ବଜାର। ଜାତୀୟ ରାଜଥ ନିକଟରେ ହୋଇଥିବା ମୀନା ବଜାର ମଜା ନେଉଛନ୍ତି ଶିଶୁ ସମେତ ପରିବାରବର୍ଗ। ମୀନା ବଜାର ନିକଟରେ ମେଳିଛି ବିଭିନ୍ନ ପସରା। ଘରକରଣା ସାମଗ୍ରୀ ଠାରୁ ଆରମ୍ଭ କରି ପିଲାଙ୍କ ଖେଳଣା ବିକ୍ରି ହେଉଛି। ଯାତ୍ରାର ଅନ୍ତିମ ଦିବସରେ ଗ୍ରାମ୍ୟ ପରିକ୍ରମା ସହ ମା' ନିଜ ମନ୍ଦିର ଫେରିବେ ବୋଲି ଜଣାଯାଇଛି।

## ଗୋଷ୍ଠୀ ସଂଘର୍ଷ ମାମଲାରେ ୩ ଗିରଫ

**ଦିଗପହଣ୍ଡି,୧୧।୬(ସମିସ):** ଦିଗପହଣ୍ଡି ପୁଲିସ ମଙ୍ଗଳବାର ଭୀଷ୍ମଗିରି ଗ୍ରାମର ବି. ମିଥୁନ ପାତ୍ର, ବି.ଚନ୍ଦ୍ର ପାତ୍ର ଏବଂ ବି.ଗଣେଶ ପାତ୍ରଙ୍କୁ ଥାନା ମାମଲା ନଂ.୨୪୪/୨୪ ଦଫା୧୪୭/୧୪୮/୧୪୯/୩୨୩/୩୨୪/୩୪୧/୩୦୭/୫୦୬ ଅନୁଯାୟୀ କୋର୍ଟଚାଲାଣ କରିଛନ୍ତି। ଗତ ଶନିବାର ଗାଁରେ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରେମନଗର ସାହିକୁ କୌଣସି ବାଇକ ଛଡ଼ାଯାଉନଥିଲା। ତେବେ ମିଥୁନ ଜୋର ଜବରଦସ୍ତ ସାହି ଭିତରକୁ ବାଇକ ନେବାକୁ ଚାହିଁଥିଲେ। ସାହି କମିଟି ସଦସ୍ୟ ଏନ୍. ସେନେୟା ପାତ୍ର ଏବଂ ତାଙ୍କ ପୁତୁରା ଏନ୍.ଜିତୁ ପାତ୍ର ପ୍ରତିବାଦ କରିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଉଭୟ ଗୋଷ୍ଠୀ ପରସ୍ପରଙ୍କୁ ଠେଙ୍ଗା, ବାଡ଼ି, କାତିରେ ଆକ୍ରମଣ କରିଥିଲେ। ସାହି ଛକ ରଣକ୍ଷେତ୍ର ପାଲଟିଥିଲା। ଏହି ଘଟଣାରେ ଏନ୍. ସେନେୟା, ଏନ୍.ଜିତୁ ଏବଂ ଏନ୍.ଗଙ୍ଗା ଗୁରୁତର ଆହାତ ହୋଇଥିଲେ। ଉଭୟ ଗୋଷ୍ଠୀ ପକ୍ଷରୁ ଏତଲା ପରେ ପୁଲିସ ଥାନା ମାମଲା ନଂ.୨୪୪/୨୪ ଏବଂ ୨୪୫/୨୪ ଅନୁଯାୟୀ ପୃଥକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲେ।

### କାତି ଚୋଟରେ ମା' ଗୁରୁତର ଘଟଣା

## ମା' ମୃତ, ପୁଅ ଗିରଫ

ଦିଗପହଣ୍ଡି,୧୧।୬(ସମିସ): ଦିଗପହଣ୍ଡି ସାହାଣୀ ସାହିର ବୁଲୁ ଦାସଙ୍କ କାତି ଚୋଟରେ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଥିବା ତାଙ୍କ ମା' ପଦି ଦାସ(୫୮) ମୃତ୍ୟୁବରଣ କରିଛନ୍ତି। ତଦନ୍ତକାରୀ ପୁଲିସ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ମଙ୍ଗଳବାର ଥାନାରେ ଅଟକ ଥିବା ଅଭିଯୁକ୍ତ ବୁଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ତାଙ୍କ ଘରୁ ପୁଲିସ କାତି ଜବତ କରିଛନ୍ତି। ଥାନା ମାମଲା ନଂ.୨୪୭/୨୪ ଦଫା - ୩୦୨ ଆଇପିସି ଅନୁଯାୟୀ କୋର୍ଟଚାଲାଣ କରିଛନ୍ତି। ପାରିବାରିକ ବିବାଦକୁ କେନ୍ଦ୍ରକରି ଗତ ୨ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ପୁଅ ବୁଲୁ ନିଶାସକ୍ତ ଅବସ୍ଥାରେ ତାଙ୍କ ମାଆ ପଦିଙ୍କ ମୁଣ୍ଡକୁ ଏକ କାତିରେ ହାଣି ଦେଇଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ କଟକ ନିଆଯାଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ସୋମବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଦିଗପହଣ୍ଡି ସାହାଣୀ ସାହିର କାହ୍ନୁ ଦାସଙ୍କ ଏତଲା କ୍ରମେ ଥାନା ଆଇଆଇସି ବାବା ଶଙ୍କର ସରାଫ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ, କାରଣ ଅସ୍ପଷ୍ଟ

**ଭଞ୍ଜନଗର,୧୧।୬(ସମିସ):** ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅଧୀନ ତିଳିସିଙ୍ଗି ଗ୍ରାମରେ ମଙ୍ଗଳବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିଳିଶିଙ୍ଗି ଗ୍ରାମର ମହେଶ୍ୱର ପ୍ରଧାନ (୫୫)। ସେ ମଙ୍ଗଳବାର ପୂର୍ବାହ୍ନରେ ଜମିକୁ ତଳି ପକାଇବା ପାଇଁ ଯାଇଥିଲେ। ଅପରାହ୍ନରେ ବର୍ଷା ପବନ ସହ ବିଜୁଳି ମାରିଥିଲା। ଏହି ସମୟରେ ସେ ଘରକୁ ନେଫରିବାରୁ ପରିବାର ଲୋକ ମହେଶ୍ୱରଙ୍କୁ ଖୋଜିବାକୁ ଜମିକୁ ଯାଇଥିବା ବେଳେ ସେଠାରେ ପଡ଼ିଥିବା ଦେଖି ତୁରନ୍ତ ତାଙ୍କୁ ଭଞ୍ଜନଗର ଡାକ୍ତରଖାନା ଆଣିଥିଲେ। ତେବେ ସେଠାରେ ଡାକ୍ତର ମହେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନଥିବା ବେଳେ ଅଂଶୁଘାତ ଯୋଗୁ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ ଅନୁମାନ କରୁଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ଦେଶୀମଦ ସହ ସ୍କୁଟି ଜବତ,୨ ଗିରଫ



**ଖଲ୍ଲିକୋଟ,୧୧।୬(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୋଟା ଗାଁ ଓ ଗୋପପୁର ନିକଟରେ ଅବକାରୀ ବିଭାଗ ଚଢ଼ଉ କରି ୧୯୭ ଲିଟର ଦେଶୀମଦ, ସ୍କୁଟି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଛତ୍ରପୁର ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ବାଳକ ବିଶିଙ୍କ ନେତୃତ୍ୱରେ ଏଏସଆଇ ସନ୍ତୋଷ କୁମାର ପାଢ଼ୀ ଖଲ୍ଲିକୋଟ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଚୋରା ଦେଶୀମଦ ଚାଲାଣ ହେଉଥିବା ଖବର ପାଇ ତୋଟା ଗାଁ ନିକଟରେ ଚଢ଼ଉ କରି ୧୭୮ ଲିଟର ଦେଶୀମଦ ଜବତ କରିଥିଲେ ଏବଂ ଚୋରା ଦେଶୀମଦ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରିଥିଲେ। ଗିରଫ ଯୁବକ ଜଣଙ୍କ ଶ୍ୟାମସୁନ୍ଦରପୁର ଗ୍ରାମର ପିଣ୍ଟୁ ଦାସ ବୋଲି ଜଣାପଡ଼ିଛି। ସେହିପରି ଗୋପପୁର ରାସ୍ତାରେ ଚଢ଼ଉ କରି ୧୯ ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରିଥିଲେ ଏବଂ ଦେଶୀ ମଦ ଚୋରା ଚାଲାଣ କରୁଥିବା ଡି. ଗୁହାରିଆପାଟ ଗ୍ରାମର ରବୀନ୍ଦ୍ର ଜାନିଙ୍କୁ ଗିରଫ କରିଥିଲେ। ଏହି ଚଢ଼ଉରେ କନେଷ୍ଟବଳ ଅନନ୍ତ କଅଁର, ଅଞ୍ଜନ କୁମାର ଦାସ, ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା କନେଷ୍ଟବଳ ଏସ ପର୍ଶୁରାମ ରେଡ଼ି, କାହ୍ନୁଚରଣ ନାହାକ ଓ ଟୁଟୁ ସାମଲ ପ୍ରମୁଖ ସାମିଲ ଥିଲେ। ଗିରଫ ୨ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଛତ୍ରପୁର ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ବାଳକ ବିଶି ସୂଚନା ଦେଇଛନ୍ତି।

## ୧୫୦ ପରିବାରକୁ ବିହନ ବଣ୍ଟନ



**ଛତ୍ରପୁର,୧୧।୬(ସମିସ):** ପରିବେଶବିତ୍ ପ୍ରଫେସର ରାଧାମୋହନଙ୍କ ସ୍ମୃତି ଅବସରରେ ମଙ୍ଗଳବାର ଯଶୋଦା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ପ୍ରକାର ବିହନ ବଣ୍ଟନ କରାଯାଇଛି। ସ୍ଥାନୀୟ ଶିଖରପଲ୍ଲୀ ଗ୍ରାମରେ ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତ୍ୟରେ ବିହନ ବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସାହୁ ଯୋଗେଇ ମହିଳା ମାନଙ୍କୁ ବିଭିନ୍ନ ପ୍ରକାର ବିହନ ବଣ୍ଟନ କରିଥିଲେ। ଏହି ଅବସରରେ ସାଇରପାର, ବିପୁଲିଙ୍ଗି, ଭିକାରୀପଲ୍ଲୀ ଓ ଚିକଲଖଣ୍ଡି ପଞ୍ଚାୟତର ୯ଟି ଗ୍ରାମର ୧୫୦ ପରିବାରଙ୍କୁ ବିଭିନ୍ନ ପ୍ରକାର ବିହନ ପ୍ରଦାନ କରାଯାଇଥିଲ।। ସମସ୍ତ କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି ଓ ସୁଷ୍ମା ସାହୁ ପରିଚାଳନାରେ ସହଯୋଗ କରିଥିଲେ।

### ■ ପଳାଶପୁର ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

## ଶାଶୂଘରକୁ ଫେରିଲେ ମା'

**ସାନଖେମୁଣ୍ଡି,୧୧।୬(ସମିସ):** ସାନଖେମୁଣ୍ଡି ବ୍ଲକ ପଳାଶପୁର ଗ୍ରାମର ମା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଉଦ୍‌ଯାପିତ ହୋଇଛି। ବାପା ଘରେ ରହଣି ପରେ ପାରମ୍ପରିକ ରୀତିନୀତି ଅନୁସାରେ ଶାଶୁ ଘରକୁ ଏକ ବିରାଟ ପଟୁଆର ଫେରିଛନ୍ତି ମା'ସାଆନ୍ତାଣି ଓ ମାଙ୍କ ଶେଷ ଦର୍ଶନ ପାଇଁ ଅସ୍ଥାୟୀ ମଣ୍ଡପରେ ଭିଡ ହୋଇଥିଲା। ରୀତିନୀତି ଅନୁସାରେ ଦିନରେ ପୂଜା ସରିବା ପରେ ସନ୍ଧ୍ୟା ୫ଟାରେ ଆଳତି ହୋଇଥିଲା ଏବଂ ରାତ୍ର ୭ଟାରେ ମା'ଙ୍କ ଘଟ ବାହାରି ପରିକ୍ରମା କରି ଶାଶୁ ଘରକୁ ଫେରିଥିଲେ। ବାଜା ବାଜଣା ଓ ଆତସବାଜିରେ ପଳାଶପୁର ଦୁଲୁକୁଥିବା ବେଳେ ଧୂପ ଓ ଦୀପ ମହକରେ ପରିବେଶ ମହକି ଥିଲା। ବିଭିନ୍ନ ରଙ୍ଗବେର ରଙ୍ଗର ଆଲୋକ ମାଳାରେ ସଜ୍ଜିତ ହୋଇ ହାଇଥିଲା ଗ୍ରାମ। ମଙ୍ଗଳାବର ରାତ୍ର ବିରାଟ ପଟୁଆରରେ ବାହାରି ଗ୍ରାମ୍ୟ ପରିକ୍ରମା କରି ଠାକୁରାଣୀ ଅସ୍ଥାୟୀ ମଣ୍ଡପରୁ ସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ଉକ୍ତ ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଯାତ୍ରା କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ଉପଦେଷ୍ଟା ବାଳକୃଷ୍ଣ ଚୌଧୁରୀ, ହରିହର ପାତ୍ର, ଜାଗିଲି ସେଠୀ, ସୁକଦେବ ରେଡ଼ି, ପଞ୍ଚାନନ ଆଚାରି, ଲଡୁ କିଶୋର ସାହୁ, ପ୍ରମୋଦ କୁମାର ପାଣିଗ୍ରାହୀ, ରବୀନ୍ଦ୍ର କୁମାର ପାଢୀ, ଅଶୋକ କୁମାର ସାହୁ, ପ୍ରଦୀପ କୁମାର ପାଢୀ, ସଭାପତି ଜଗନ୍ନାଥ ପାଣିଗ୍ରାହୀ, ଉପ ସଭାପତି ବିଜୟ କୁମାର ମହାପାତ୍ର, ସମ୍ପାଦକ ଜି.ସଞ୍ଜୟ କୁମାର ରେଡ଼ି, ସହ ସମ୍ପାଦକ ପଦ୍ମନାଭ ଗୌଡ଼, କୋଷାଧ୍ୟକ୍ଷ ନୀଳମାଧବ ସାହୁଙ୍କ ସମେତ ସମସ୍ତ ଯୁବଗୋଷ୍ଠୀ ପରିଚାଳନାରେ ସହଯୋଗ କରିଥିଲେ।

## ସରିଲା ମା'ବ୍ୟାଘ୍ରଦେବୀଙ୍କ ଯାତ୍ରା



**ଛତ୍ରପୁର,୧୧।୬(ସମିସ):** ପ୍ରତ୍ୟେକ ଦୁଇ ବର୍ଷକୁ ଥରେ ଛତ୍ରପୁର ସହରରେ ମା' ବ୍ୟାଘ୍ରଦେବୀଙ୍କ ଯାତ୍ରା ଆରକ୍ଷୀ ପରିବାର ପକ୍ଷରୁ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ମା'ଙ୍କ ଯାତ୍ରା ମଙ୍ଗଳବାର ଶେଷ ହୋଇଛି। ମଙ୍ଗଳବାର ମା'ଙ୍କ ଯାତ୍ରାର ଶେଷ ଦିନ ହୋଇଥିବାରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବିଭିନ୍ନ ବାଦ୍ୟ ବାଜଣା ଓ ହୁଳିହୁଳି କମ୍ପି ଉଠିଥିଲା ସାରା ସହର। ଶେଷ ଦିନରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ରାମକୃଷ୍ଣ ନଗର ଓ ରିକାପଲ୍ଲୀ ମେଦିରି ସାହିକୁ ଯାଇ ଭକ୍ତଙ୍କ ଠାରୁ ଭୋଗ ଗ୍ରହଣ କରିବା ପରେ ବିଳମ୍ବିତ ରାତ୍ରରେ ମୁଖ୍ୟ ମନ୍ଦିରକୁ ପ୍ରବେଶ କରିଥିଲେ।


ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଆବିର୍ଭାବ:
୧୦.୦୮.୧୯୨୮



ତିରୋଧାନ:
୨୫.୦୫.୨୦୨୩

୰ନାରାୟଣ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ । ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୁ-ଅଂଶୁ ତ୍ରିପାଠୀ,
ନାତିନାତୁଣୀ- ସୂର୍ଯ୍ୟକାନ୍ତ ଓ ଅଙ୍କିତା
ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ
C/1290, 1st Floor, CDA, Sector-VI, Cuttack-753014

ସୌଜନ୍ୟ-
30 Years Celebrating P & A | PIXCELADS | hp Minerals | MO Fashion | WEALTHVITA IMF PRIVATE LIMITED


## କଳାକୁଞ୍ଜ ଓ ଆଲୋକମାଳାରେ ଝଲସିଲା ସହର





### ମା'ରାମାୟଣାମ୍ମାଙ୍କ ଯାତ୍ରା

**ଛତ୍ରପୁର,୧୧।୬(ସମିସ):** ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା'ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ମଙ୍ଗଳବାର ୧୬ ଦିନରେ ପହଞ୍ଚିଛି। ମା'ଙ୍କ ଯାତ୍ରା ଲାଗି ଛତ୍ରପୁର ସହର ଉତ୍ସବ ମୁଖର ହୋଇପଡିଛି। ସହରର ଦୁଇଟି ସ୍ଥାନରେ କଳାକୁଞ୍ଜ ନିର୍ମାଣ କରାଯାଇଛି। କଳା କୁଞ୍ଜ, ଆଲୋକ ଶଯ୍ୟା ଏବଂ ବିଭିନ୍ନ ମାନସିକଧାରୀଙ୍କ ବେଶ ଗୁଡିକୁ ଦେଖିବା ପାଇଁ ଛତ୍ରପୁର ସହର ସମେତ ଆଖପାଖ ଅଞ୍ଚଳର ବହୁ ଜନ ସାଧାରଣ ଭିଡ ଜମାଇଥିବା ଦେଖିବାକୁ ମିଳିଛି। ଅସ୍ଥାୟୀ ମଣ୍ଡପରେ ମା' ରାମାୟଣାମ୍ମାଙ୍କୁ ଦର୍ଶନ କରିବା ଲାଗି ମଧ୍ୟ ଶ୍ରଦ୍ଧାଳୁ ମାନେ ଭିଡ ଜମାଇଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା'ଙ୍କ ଘଟ ସହରର ବିଭିନ୍ନ ସାହି କୁ ପରିକ୍ରମା କରି ଭକ୍ତଙ୍କ ଠାରୁ ଭୋଗ ଗ୍ରହଣ କରିଥାନ୍ତି। ମଙ୍ଗଳବାର ମା'ଙ୍କ ଘଟ ଛତ୍ରପୁର ସହରର ନାଗଲୁପେଟା ସାହି କୁ ଯାଇ ଭକ୍ତଙ୍କ ଠାରୁ ଭୋଗ ଗ୍ରହଣ କରିଛନ୍ତି। ଘଟ ସମ୍ମୁଖରେ ବିଭିନ୍ନ ଦେବା ଦେବୀଙ୍କ କଣ୍ଢେଇ ନାଚ, ବାଘ ନାଚ, କାଳୀ ନୃତ୍ୟ ଦର୍ଶକ ମାନଙ୍କ ମନ ମୋହିଛି। ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟି ମ୍ୟାନେଜର ସିଏଚ୍. ଦୟାନନ୍ଦ ରେଡ୍ଡୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟ ମାନେ ସହଯୋଗ କରିଥିଲେ।

# ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି ସୀତାସାଗର



ପାରଳାଖେମୁଣ୍ଡି, ୧୧।୬(ସମିସ): ପାରଳାଖେମୁଣ୍ଡି ସହରର ସୀତାସାଗର ଏବେ ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି। ସୂଚନାଯୋଗ୍ୟ ଯେ ଏହି ସାଗର ପାରଳା ରାଜବଂଶ ଦ୍ୱାରା ଜନସାଧାରଣଙ୍କ ପାନୀୟ ଜଳ ସମେତ ଚାଷ କାର୍ଯ୍ୟ ସକାଶେ ନିର୍ମାଣ କରାଯାଇଥିଲା। ଏହା ସହ ମତ୍ସ୍ୟଜୀବୀ କିଭଳି ରୋଜଗାରକ୍ଷମ ହୋଇପାରିବେ ଶତାଧିକ ବର୍ଷ ପୂର୍ବରୁ ପାରଳାର ରାଜାମାନେ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟ କରିଥିଲେ। ବିଡମ୍ବନାର ବିଷୟ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ସୀତାସାଗର ଏବେ ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି। ଗଜପତି ଜିଲ୍ଲା ଗଠନ ହେବା ପରଠାରୁ ବିଶେଷ କରି କୃଷି ଉପରେ ନିର୍ଭର କରୁଥିବା ଚାଷୀ ଓ ମତ୍ସ୍ୟଜୀବୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଇଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏହି କାରଣରୁ ମତ୍ସ୍ୟଜୀବୀମାନେ ଜୀବିକା ହରାଇବା ସହ ସେମାନଙ୍କ ପରିବାର ପୋଷଣ ନିମନ୍ତେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେଉଛନ୍ତି। ତତ୍କାଳୀନ ବ୍ରହ୍ମପୁର ସାଂସଦ ଅନାଦୀ ଚରଣ ସାହୁ ୨୦୦୨-୦୩ ମସିହାରେ ସୀତାସାଗରର ପୁନରୁଦ୍ଧାର ପାଇଁ ପ୍ରୟାସ କରିଥିଲେ। ତାଙ୍କରି ଉଦ୍ୟମ ଫଳରେ ରକ୍ଷଣାବେକ୍ଷଣର ଅଭାବ କାରଣରୁ ପୋତି ହୋଇଯାଉଥିବା ସୀତାସାଗରର ନାବାର୍ଡ ସହାୟତାରେ ପୁନରୁଦ୍ଧାର କରାଯାଇଥିଲା। ଏହା ସତ୍ତ୍ୱେ ବି ବିଭାଗୀୟ କର୍ତ୍ତୃପକ୍ଷ ଏହାର ରକ୍ଷଣାବେକ୍ଷଣ ପରେ ଆଦୌ ଧରାଛୁଆଁ ଦେଇନାହାନ୍ତି। ଏପରିକି ପ୍ରତିବର୍ଷ ସୀତାସାଗରର ରକ୍ଷଣାବେକ୍ଷଣ ନିମନ୍ତେ ସରକାର ଅର୍ଥ ପ୍ରଦାନ କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ ରକ୍ଷଣାବେକ୍ଷଣ ନାମରେ ଅର୍ଥ ହରିଲୁଟ କରୁଥିବା ଚାଷୀ, ମତ୍ସ୍ୟଜୀବୀ ସମେତ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏପରିକି କେତେକ ଅଧିକାରୀ ଜିଲ୍ଲାରେ ଆସି କାର୍ଯ୍ୟ କରିଛନ୍ତି କିନ୍ତୁ ସୀତାସାଗର କେଉଁଠାରେ ରହିଛି ତାହା ଦେଖିନାହାନ୍ତି ବୋଲି ମଧ୍ୟ ଅଭିଯୋଗ ହେଉଛି। ତେବେ ସରକାରଙ୍କ ମହତ୍ତ୍ୱ ଯୋଜନା ଗୁଡିକ ଚାଷୀ, ମତ୍ସ୍ୟଜୀବୀ ଓ ଜନସାଧାରଣଙ୍କ ସ୍ୱାର୍ଥରେ ବିନିଯୋଗ ପରିବର୍ତ୍ତେ କିଛି ଅସାଧୁ ଅଧିକାରୀ ଓ କର୍ମଚାରୀ ସ୍ୱାର୍ଥରେ ବିନିଯୋଗ ହୋଇଥିବ ସାଧାରଣରେ ଅଭିଯୋଗ ହେଉଛି। ଏହି କାରଣରୁ ଗଜପତି ଜିଲ୍ଲାର ଚାଷୀ ଓ ମତ୍ସ୍ୟଜୀବୀ ରୋଜଗାରରୁ ବଞ୍ଚିତ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ସୀତାସାଗର ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିବା ସହ ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି।

# ଫୁଲଝାଡୁ ଦେଉଛି ରୋଜଗାର

ଜି.ଉଦୟଗିରି, ୧୧।୬(ସମିସ): ଫୁଲଝାଡୁ ବ୍ୟବସାୟ ଏବେ ରୋଜଗାରର ମାଧ୍ୟମ ପାଲଟିଛି। ଜି. ଉଦୟଗିରି ନିକଟସ୍ଥ ନନ୍ଦଗିରି ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଫୁଲଝାଡୁ ପ୍ରସ୍ତୁତ କରି ବହୁ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ନନ୍ଦଗିରିର ୧୫ରୁ ଅଧିକ ପରିବାରର ରେଜଗାର ମାଧ୍ୟମ ପାଲଟିଛି ଫୁଲଝାଡୁ। ଏହି ବ୍ୟବସାୟୀ ମାନେ ମୁଖତଃ ଦାରଙ୍ଗବାଡି ଓ ଦାସିଙ୍ଗବାଡି ଅଞ୍ଚଳରୁ ଗାଡି ଭଡା କରି ଝାଡୁ ଚାରାକୁ କ୍ୱିଣ୍ଟାଲ ପିଛା ୫ ହଜାର ଟଙ୍କାରେ ଆଣିଥାନ୍ତି। ସେସବୁ ଆଣିବା ପରେ ସପ୍ତାହେ ଧରି ସୁଖାଇବା ସହିତ ପ୍ଲାଷ୍ଟିକ ତାରରେ ବିଡା ବନ୍ଧା ଯାଇଥାଏ। ପୁରା ପରିବାର କାମରେ ଲାଗି ଦିନକୁ ୫୦ ରୁ ୬୦ ଫୁଲଝାଡୁ ପ୍ରସ୍ତୁତ କରିପାରିଥାନ୍ତି। ପ୍ରସ୍ତୁତ ପରେ ତାକୁ ପୁଣି ଶୁଖାଇବା ସହିତ ଜି.ଉଦୟଗିରି ବଜାର ସହିତ ଆଖପାଖ ବଜାରରେ ବିକ୍ରୀ କରିଥାନ୍ତି। ଫୁଲଝାଡୁ ବିଡା ପ୍ରତି ୪୦ ରୁ ୮୦ ଟଙ୍କାରେ ତିନି ପ୍ରକାର ହୋଲସେଲ ରେଟରେ ବିକ୍ରୀ କରିବାକୁ ବାଧ୍ୟ ହୋଇଥାନ୍ତି। କାରଣ ଦୂର ବଜାରକୁ ନେଲେ ପୁଣି ଗାଡି ଭଡାର ଭୟ ରହିଛି। ତେଣୁ କର୍ତ୍ତୃପକ୍ଷ ବଜାର ବ୍ୟବସ୍ଥା କରିବା ସହିତ ପ୍ରୋତ୍ସାହନ ଦେଲେ ଜିଲ୍ଲାର ଏମିତି ଅନେକ ବ୍ୟବସାୟୀଙ୍କ ଭାଗ୍ୟ ବଦଳିବ ବୋଲି ନନ୍ଦଗିରିର ଫଲଝାଡୁ ବ୍ୟବସାୟୀ ପ୍ରମୋଦ ମଲ୍ଲିକ କହିଛନ୍ତି। ଏହା ସହିତ ଫେବୃଆରୀ, ମାର୍ଚ୍ଚ, ଏପ୍ରିଲ, କେବଳ ଏହି ତିନିମାସ ରେ ଏହି ଫୁଲଝାଡୁ ଚାରା ମିଳୁଥିବା ବେଳେ ବର୍ଷ ସାରା ବ୍ୟବସାୟ କରିବାକୁ ହେଲେ ଅଧିକ ମାଲ ରଖିବାକୁ ପଡ଼ିବ। କିନ୍ତୁ ସମ୍ବଳ ନ ଥିବାରୁ ବର୍ଷ ତମାମ ଏହି ବ୍ୟବସାୟ କରିବା ସମ୍ଭବଳ ହେଉନି ବୋଲି ସେ କହିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଫୁଲଝାଡୁ ବ୍ୟବସାୟୀଙ୍କ ଭାଗ୍ୟ ବଦଳିବ ବୋଲି ସେ କହିଛନ୍ତି। କାରଣ ବଜାରରେ ମିଳୁଥିବା



ଫୁଲଝାଡୁରେ କେବଳ କଭର ରହିବା ସହିତ ଏକ ବ୍ରାଣ୍ଡ ଲଗାଇ ଶହ ଶହ ଟଙ୍କାରେ ବିକ୍ରି ହେଉଥିବା ବେଳେ ଦେଶି ଝାଡୁ କୈଣସି ଗୁଣରେ କମ ନୁହେଁ। ତେଣୁ ସରକାର ଏଥି ପ୍ରତି ଗୁରୁତ୍ୱ ଦେଲେ କନ୍ଧମାଳର ହଳଦି ଭଳି ଫୁଲଝାଡୁ ରାଜ୍ୟ ତଥା ରାଜ୍ୟ ବାହାରେ ନା କମାଇବ ବୋଲି କୁହାଯାଇଛି।

# ବଜ୍ରପାତରେ ଯୁବକ ଗୁରୁତର



ଫିରିଙ୍ଗିଆ, ୧୧।୬(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ, ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ଣରେ ପ୍ରବଳ ବେଗରେ ପବନ ବୋହିବା ସହିତ ଘଡଘଡି ଓ କୁଆ ପଥର ବର୍ଷା ହୋଇଥିଲା। ବର୍ଷା ପବନ ଓ ଘଡଘଡି ୨ ଘଣ୍ଟା ଧରି ଲାଗି ରହିଥିବା ବେଳେ ଅଞ୍ଚଳର ଅନେକ ଗଛ ଡାଳ ଭାଙ୍ଗି ପଡ଼ିବା ସହିତ ଅନେକ ଗଛ ଧରାଶାୟୀ ହୋଇଛି। ଅଞ୍ଚଳବାସୀ ଏହା ପୂର୍ବରୁ ଏମିତି କୁଆପଥର ବର୍ଷା ଓ ଘଡଘଡି ପୂର୍ବରୁ ଦେଖି ନ ଥିବାରୁ ଅତ୍ୟଧିକ ଭୟଭୀତ ହୋଇଯାଇଥିଲେ। ଗୋଛାପଡ଼ା ଥାନା କଟ୍ରିଙ୍ଗିଆ ପଞ୍ଚାୟତ ପାଲସି ଗ୍ରାମର ରାହୁଲ ଦିଗାଲ (୨୮) ପାଣି ପିଇବା ପାଇଁ ରୋଷେଇ ଘରକୁ ପାଣି ପାଇଁ ଯାଇଥିବା ବେଳେ ହଠାତ ବଜ୍ରପାତ ହେବାରୁ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଘରଲୋକ ତାଙ୍କୁ ଫୁଲବାଣୀ ଡାକ୍ତରଖାନାରେ ନେଇ ଭର୍ତ୍ତି କରିଥିଲେ।

# ଗୁରାଣ୍ଡି ଗ୍ରାମାଞ୍ଚଳରେ ଯୁବଗୋଷ୍ଠୀଙ୍କ ଚାରାରୋପଣ



ପାରଳାଖେମୁଣ୍ଡି, ୧୧।୬(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗ୍ରାମାଞ୍ଚଳରେ ଗୁରାଣ୍ଡି ଗ୍ରାମର ଯୁବ ଗୋଷ୍ଠୀଙ୍କ ଦ୍ୱାରା ଚାରାରୋପଣ କରାଯାଇଛି। ଏହି ଯୁବଗୋଷ୍ଠୀ ଗୁରାଣ୍ଡି ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନ ଚାଷ ଜମି ହିଡ, ପୋଖରୀ ନିକଟ, ଖାଲି ପଡ଼ିଆରେ ଚାରାରୋପଣ କରିଥିଲେ। ବୃକ୍ଷଲତା ହାନୀ ଯୋଗୁଁ ଦିନକୁ ଦିନ ବଢୁଥିବା ତାପମାତ୍ରା, ଜଳବାୟୁରେ ପରିବର୍ତ୍ତନ, ଅଭାବୀ ବର୍ଷା, ପରିବେଶ ପ୍ରଦୂଷଣ ଆଦି ବିଶେଷ ଭାବେ ବୃଦ୍ଧି ପାଉଛି। ଧରାପୃଷ୍ଠରକୁ ସୁରକ୍ଷା ଦେବାକୁ ହେଲେ ବୃକ୍ଷ ହିଁ ଏକ ମାତ୍ର ବିକଳ୍ପ ବୋଲି ହୃଦବୋଧ କରି ଏହି ଯୁବ ଗୋଷ୍ଠୀ ନିଜସ୍ୱ ଉଦ୍ୟମରେ ଗଛ ଲଗାଇବା ସହ ଗଛକୁ ବଞ୍ଚାଇବା ପାଇଁ ପଣ କରିଛନ୍ତି। ଯେଉଁ ସ୍ଥାନରେ ଚାରାରୋପଣ କରିଛନ୍ତି ତାର ସୁରକ୍ଷା ଦାୟିତ୍ୱ ଠାରୁ ଆରମ୍ଭ କରି ଗଛ ବଡ ହେବା ପର୍ଯ୍ୟନ୍ତ କାମ କରିବୁ ବୋଲି ଯୁବଗୋଷ୍ଠୀ ସଦସ୍ୟ କେ.ଆଦିନାରାୟଣା, ଏନ୍. ଭେଙ୍କଟରାଓ, ଲଳିତ କୁମାର ରାଉତ, ମହେନ୍ଦ୍ର ପାତ୍ର, ଏସ୍.ମୋହନ ରାଓ, ଜି. ରାଜେଶ, ସୁଶାନ୍ତ କୁମାର ସାମଲ, ରୋହିତ କୁମାର ନାୟକ, ଡି ହେମାଞ୍ଜଳମ୍, ସନ୍ତୋଷ କୁମାର ବେହେରା, ରାଜୁ ପଣ୍ଡା, ତୁଳସୀ କିଶୋର, ଡି. ପ୍ରଦୀପ, ଟି. ରମେଶ ଓ ଏନ୍. ଜଗଦୀଶ କହିଛନ୍ତି।

# ଦାରିଙ୍ଗବାଡ଼ିରେ ବିଜେଡିର ସମୀକ୍ଷା ବୈଠକ

ଦାରିଙ୍ଗବାଡି, ୧୧।୬(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କ ପରାଜୟ ପରେ ମଙ୍ଗଳବାର ଦାରିଙ୍ଗବାଡି ମିଶ୍ର କଲ୍ୟାଣ ମଣ୍ଡପରେ ଦଳର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଉପବାଚସ୍ପତି ତଥା ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାଲୁଗା ପ୍ରଧାନ ଯୋଗ ଦେଇ ସମୀକ୍ଷା କରିଥିଲେ। ନିର୍ବାଚନରେ ବିଜୟ ପରାଜୟ ହେବା ଏକ ପ୍ରକ୍ରିୟା କିନ୍ତୁ ଏଥିପାଇଁ କୌଣସି ଲୋକ ପ୍ରତିନିଧି ନିରାଶ ନ ହୋଇ ସାଧାରଣ ଲୋକଙ୍କ ସହ ରହି ସେମାନଙ୍କୁ ପୂର୍ବ ଭଳି ସହଯୋଗ କରିବା ଲୋକଙ୍କ ସେବାକୁ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ରହିଥିବାରୁ ଆମେ ଲୋକଙ୍କ ସେବା ପୂର୍ବଭଳି କରିବା ବୋଲି ଶ୍ରୀ ସାଲୁଗା କହିଥିଲେ। ଆମେ କାମ କରିଛୁ କିନ୍ତୁ କୌଣସି କାରଣ ପାଇଁ ଲୋକଙ୍କ ମତ ବଦଳିଛି। ତାକୁ ସ୍ୱୀକାର କରୁଛୁ ବୋଲି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦାରିଙ୍ଗବାଡି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ବିଜେପି ଜି. ଉଦୟଗିରି ବ୍ଲକ ସଭାପତି ଲିଙ୍ଗରାଜ କହଁର, ରାଇକିଆ ବ୍ଲକ ସଭାପତି ରାଜମୋହନ ଦିଗାଲ, ଦାରିଙ୍ଗବାଡି ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦିଲୀପ ପ୍ରଧାନ, ଜି.ଉଦୟଗିରି ଏନଏଏସି ସଭାପତି ସଞ୍ଜୀବ



ନିର୍ବାଚନ ଫଳାଫଳ ଆସିବା ପରେ ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୀକ୍ଷା କରି କହିଛନ୍ତି, ମୁଁ ଓଡ଼ିଶା ବାସୀଙ୍କ ସହ ଅଛି ଆମେ ରାଜ୍ୟ ପାଇଁ ଅନେକ କାର୍ଯ୍ୟ କରିଆସିଛୁ। ତେଣୁ ଲୋକଙ୍କ ସେବା କରିବା ଆମ ସମସ୍ତଙ୍କ କାମ। ତେଣୁ ଆମ ରାଜ୍ୟ ନେତା ଆମ ସହ ସର୍ବଦା ପାତ୍ର, ବିଧାୟକ ପ୍ରତିନିଧି ଦୀପକ ସାହୁ, ଛାତ୍ର ସଭାପତି ରୂପକ ସାହୁ, ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇ ବିଜେଡି ପରାଜିତ ହେବା କାରଣ ନେଇ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ମଶେଷ ଦିଗାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଶୈବପୀଠରେ ଶିବପାର୍ବତୀଙ୍କ ବିବାହ

ପାରଳାଖେମୁଣ୍ଡି, ୧୧।୬(ସମିସ): ଗଜପତି ଜିଲ୍ଲାର ବିଭିନ୍ନ ଶୈବପୀଠରେ ମହା ଆଡ଼ମ୍ବରରେ ସମ୍ପନ୍ନ ହୋଇଛି ଶିବ ବିବାହ। ମା ପାର୍ବତୀଙ୍କ ସହିତ ମହାଦେବଙ୍କ ବିବାହ ସମ୍ପନ୍ନ ହୋଇଛି। ପବିତ୍ର ଶୀତଳ ଷଷ୍ଠୀରେ ପାଣି ଗ୍ରହଣ ଉତ୍ସବ ଧୁମଧାମରେ



ଅନୁଷ୍ଠିତ ହୋଇଥିବା ବେଳେ ଭକ୍ତମାନେ ଏହି ଅବସରରେ ବିଭିନ୍ନ ଶୈବପୀଠରେ ଅନ୍ନ ଦାନ, ପଣା ଭୋଗ ବଣ୍ଟନ ସହିତ ଦୀପ ପ୍ରଜ୍ୱଳନ କରିଥିବାର ଦେଖିବାକୁ ମିଳିଥିଲା। ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିର ଓ ପୁରୁଣା କେରାଣ୍ଡି ଗ୍ରାମର ଗୋକର୍ଣ୍ଣେଶ୍ୱର ଶୈବପୀଠରେ ମହାଦେବଙ୍କ ବିବାହ ଉତ୍ସବରେ ହଜାର ହଜାର ସଂଖ୍ୟାରେ ଭକ୍ତ ଯୋଗଦେଇ ଉତ୍ସବ ଦେଖିବା ସହ ପ୍ରସାଦ ସେବନ କରିଥିଲେ। ମନ୍ଦିରର ସେବାୟତ ବ୍ରହ୍ମାନନ୍ଦ ପଣ୍ଡା, ଶିଶିର ପଣ୍ଡା, ସନ୍ତୋଷ ପଣ୍ଡା, ପ୍ରେମାନନ୍ଦ ପଣ୍ଡା, ବିଜୟ ପଣ୍ଡା, ଭିକାରୀ ପଣ୍ଡା, ଶ୍ରୀକାନ୍ତ ଭୂକ୍ତା, ପ୍ରଦୀପ ଭୂକ୍ତା, ଶ୍ରୀନିବାସ ଭୂକ୍ତା, ଜଗନ୍ନାଥ ଭୂକ୍ତାଙ୍କ ସହ ରମେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମେ ଠାକୁରଙ୍କୁ ଏକ ବିରାଟ ପଟୁଆରରେ ଭୂକ୍ତା ମଣ୍ଡପକୁ ବରବେଶ କରି ନେବା ପରେ ମନ୍ଦିରରେ ଥିବା କଲ୍ୟାଣ ବେଦୀକୁ ଅଣାଯାଇଥିଲା। ଏଠାରେ କନ୍ୟା ପିତା ଠାକୁରଙ୍କୁ ସ୍ୱାଗତ କରି ବାଟ ବରଣ କରିଥିଲେ। ପରେ ହୁଳହୁଳି ଘଣ୍ଟ ତାଳ ଧ୍ୱନି ମଧ୍ୟରେ ମା'ଙ୍କୁ ଅଣାଯାଇ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାପରେ ନଗର ପରିକ୍ରମା କରାଯାଇଥିଲା। ଶିବ ବିବାହକୁ ଦେଖିବା ପାଇଁ ପୁରପଲ୍ଲୀ ଠାରୁ ଆରମ୍ଭ କରି ସହରାଞ୍ଚଳରେ ରହିଥିବା ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ ଜମିଥିଲା।

# ଶିଶୁ ଉଦ୍ୟାନ ଅଟଳ ପାର୍କ ବନ୍ଦ




ପାରଳାଖେମୁଣ୍ଡି, ୧୧।୬(ସମିସ): ପାରଳାଖେମୁଣ୍ଡି ସହରର ଶିଶୁ ଉଦ୍ୟାନ ଅଟଳ ପାର୍କ ୮ ଦିନ ହେଲା ବନ୍ଦ ରହିଛି। ପ୍ରକାଶ ଯେ, ଏହି ଶିଶୁ ଉଦ୍ୟାନରେ ପ୍ରତିଦିନ ଶହ ଶହ ଶିଶୁ ସନ୍ଧ୍ୟାରେ ଭିଡ ଜମାଇଥାନ୍ତି। ଏହା ସହ ଅଭିଭାବକଙ୍କ ଠାରୁ ଆରମ୍ଭ କରି ସକାଳେ ବ୍ୟାୟାମ ପାଇଁ ବହୁ ଲୋକଙ୍କ ସମାଗମ ହେଉଥିଲା। ହେଲେ ଭୋଟଗଣନା ପରଠାରୁ ଏହି ପାର୍କ ହଠାତ ବନ୍ଦ କରିଦିଆଯାଇଛି। ହେଲେ ପୌରପ୍ରଶାସନ ତରଫରୁ ଏନେଇ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିବାରୁ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିଶୁ ଉଦ୍ୟାନରେ ତାଲା ପକାଯାଇ ସାମଗ୍ରୀ ଗୁଡିକ ବାହାର କରାଯାଇଥିବା ଆଲୋଚନା ହେଉଛି। ହେଲେ ଏନେଇ ପାରଳାଖେମୁଣ୍ଡି ପୌରପରିଷଦ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲଙ୍କୁ ପଚାରିବାରୁ କାଳବୈଶାଖୀ ପ୍ରଭାବ ଯୋଗୁଁ ଅଟଳ ଶିଶୁ ଉଦ୍ୟାନର କ୍ଷୟକ୍ଷତି ହେବା ସହ ବ୍ୟାୟାମ ଉପଯୋଗୀ ସାମଗ୍ରୀଗୁଡିକ ବିପଦଶଙ୍କୁଳ ଅବସ୍ଥାରେ ଥିବାରୁ ବନ୍ଦ କରାଯାଇଛି। ମରାମତି କାର୍ଯ୍ୟ ଜାରି ରହିଛି ବୋଲି କହିଛନ୍ତି।

# କ.ନୂଆଗାଁରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ

ବାଲିଗୁଡା /କ.ନୂଆଗାଁ, ୧୧।୬(ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ କ.ନୂଆଗାଁ ମାନସ ପଡ଼ିଆରେ ପ୍ରତିବର୍ଷ ଭଳି ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଯାଇଛି। ଏହା ଗତ ଶନିବାର ଆଠ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ନବ ଦିନ ବ୍ୟାପି ତୁଳସୀ ଦାସଙ୍କ ରଚିତ ଗ୍ରନ୍ଥକୁ ପ୍ରକାଶ ଚନ୍ଦ୍ର ମିଶ୍ର ପାରାୟଣ କରୁଥିବା ବେଳେ ମାନସ ପ୍ରବକ୍ତା ବିଜୟ ରାଘବେନ୍ଦ୍ର ଦାସ ପ୍ରବଚନ ଦେଉଛନ୍ତି। ବାଦ୍ୟଯନ୍ତ୍ର ଓ ଭଜନ କୀର୍ତ୍ତନରେ କିଶୋର କୁମାର ପତି ଓ ଖଗେଶ୍ୱର ମାହାନ୍ତି ସହାୟତା କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମ ମାନସ ପରିଚାଳନା କମିଟି ପକ୍ଷରୁ ଆୟୋଜନ



ହୋଇଥିବା ବେଳେ ଗଙ୍ଗା ଆବାହନ ଓ କଳସ ଯାତ୍ରା ବିଧି ପୂର୍ବକ ପୁରୋହିତ କମଳ କୁମାର ଦାସଙ୍କ ଦ୍ୱାରା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାନସ ଯଜ୍ଞ କର୍ତ୍ତା ଗୋପିନାଥ ପାତ୍ର ରହିଥିବା ବେଳେ ଦିବ୍ୟ ଜୀବନ ସଂଘ ସମ୍ପାଦକ ଶ୍ୟାମ ଘନ ସାହୁଙ୍କ ନେତୃତ୍ୱରେ ବିଭୂତି ଭୂଷଣ ଦଳପତି, ଘନ ଶ୍ୟାମ ବିଷୋୟୀ, ସୁରଥ ବେହେରା, ତରଣୀ ସେନ ବିଷୋୟୀ, ଶ୍ରୀଧର ବେହେରା, ନାରାୟଣବେହେରାଙ୍କ ସମେତ ଗ୍ରାମର ସମସ୍ତ ଆଧ୍ୟାମିକ ବ୍ୟକ୍ତି ଓ ମହିଳା ଉପସ୍ଥିତ ରହି ପ୍ରସାଦ ପ୍ରସ୍ତୁତିରେ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ମାନସ ପରିଚାଳନା କମିଟି ସଭାପତି ରଞ୍ଜିତ କୁମାର ପଣ୍ଡା, ଉପ ସଭାପତି ସୁଶିଲ କୁମାର ପାତ୍ର, ସମ୍ପାଦକ ସୁକାନ୍ତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ପ୍ରଭାତ କୁମାର ପାଣିଗ୍ରାହୀ, ଉପଦେଷ୍ଟା ପଣ୍ଡିତ କୁମାର ବିଶିମାଝି, ବିଜୟ କୁମାର ସାହୁ ଓ ଚିତ୍ତରଞ୍ଜନ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି।

# ପାରଳାରେ ଆଗେଇ ଚାଲିଛି ୩ ରଥ ନିର୍ମାଣ



ପାରଳାଖେମୁଣ୍ଡି, ୧୧।୬ (ସମିସ): ପାରଳାଖେମୁଣ୍ଡି ସହରରେ ତିନି ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଆଗାମୀ ଜୁଲାଇ ୭ ତାରିଖ ଦିନ ହେବାକୁ ଥିବା ରଥଯାତ୍ରା ଲାଗି ୩ ରଥ ନିର୍ମାଣ ହେଉଛି। ଏଥିପାଇଁ ରଥ ନିର୍ମାଣ କାରୀଗର ଅତି ନିଷ୍ଠାର ସହ ନିଜର କାର୍ଯ୍ୟ ଜାରି ରଖିଛନ୍ତି। ରଥ ନିର୍ମାଣ କମିଟିସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରୁଛନ୍ତି। ବର୍ତ୍ତମାନ ତିନି ରଥର ଚକ ନିର୍ମାଣ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି।

**ପାଠପଢ଼ା ନବମ**

**ଇଚ୍ଛାଶକ୍ତି ଆଗରେ ସବୁ ସମ୍ଭବ**

# ଲଣ୍ଡନରେ ମାସକୁ ରୋଜଗାର ଲକ୍ଷେ ଟଙ୍କା

ଦାରିଙ୍ଗବାଡି, ୧୧।୬(ସମିସ): ଇଚ୍ଛା ଶକ୍ତି ଆଗରେ ସବୁ ହାର ମାନେ। ଦାରିଦ୍ର୍ୟକୁ ଅତି ନିକଟରୁ ଦେଖିଥିବା ଜଣେ ଯୁବତୀ ଆଜି ସୁଦୂର ଲଣ୍ଡନ ଯାଇ ଲକ୍ଷାଧିକ ଟଙ୍କା ରୋଜଗାର କରିପାରିଛନ୍ତି। ଯୁବତୀ ଜଣକ ହେଲେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ପ୍ଲିହେରି ପଞ୍ଚାୟତ ଅନ୍ତର୍ଗତ କିଲାବାଡ଼ି ଗାଁର ନିବାଜିନୀ ପ୍ରଧାନ (୪୨)। ଘରେ ବାପା ମା, ୫ ଝିଅ ଓ ଜଣେ ପୁଅକୁ ନେଇ ସଂସାର ଚାଲିଥିବା ବେଳେ ପାଠ ପଢ଼ା ସହିତ ଅନ୍ୟାନ୍ୟ ଖର୍ଚ୍ଚ କରି ଘର ଚଳାଇବା କାଠିକର ପାଠ ହେଉଥିଲା। ବାପା ଗାଁରେ ଜଣକ ଘରେ ବେଠି ଖଟି କୁଟୁମ୍ବ ପୋଷୁଥିଲେ। ସ୍ୱଳ୍ପ ରୋଜଗାର ରେ ପିଲାଙ୍କୁ ପାଠ ପଢ଼ାଇବା ସମ୍ଭବ ହେଉ ନ ଥିଲା। ନିବାଜିନୀଙ୍କୁ ଏପରିକି ସାବୁନ ଖଣ୍ଡିଏ କିଣିବାକୁ ପଇସା ନ ଥିଲା। ଚିକିଟା ମାଟିରେ ଲୁଗାପଟା ସଫା କରିବାକୁ ପଡ଼ିଥିଲା ତାଙ୍କୁ। ଶେଷରେ ସେ ନିଷ୍ପତ୍ତି ନେଇଥିଲେ ରୋଜଗାର କରିବାକୁ। ୨୦୦୯ରେ ଘରୁ ବାହାରିଲେ। ପ୍ରଥମେ ଭୁବନେଶ୍ୱରରେ କିଛି ଦିନ ଶିଶୁ ଯତ୍ନ କାମ କରିବା କରେ ଉତ୍ତର ପ୍ରଦେଶ ଯାଇଥିଲେ। ପରେ ସେ ଲଣ୍ଡନ ଯାତ୍ରା କରିଥିଲେ। ଦାରିଦ୍ର୍ୟକୁ ଅତି ନିକଟରୁ ଦେଖିଥିବା ନିବାଜିନୀ ଆଉ ପଛକୁ ନ ଫେରି ଆଜି ଲଣ୍ଡନରେ ରହି ଲକ୍ଷାଧିକ ଟଙ୍କା



ରୋଜଗାର କରିପାରୁଛନ୍ତି। ସେ ଲଣ୍ଡନର ଆଇଯେଓର୍ଥ ସହରରେ ରହି ଚାଇଲ୍ଡ଼ ଲୁକ ଆପଟେର୍ କାମ କରିଛନ୍ତି। ତାଙ୍କ କହିବା କଥା ହେଲା ଜଣେ ରୋଜଗାର କରିବାକୁ ପାଇଁ ଯେ କେବଳ ପାଠ ପଢ଼ିବା ଦରକାର ତାହା ନୁହେଁ ଇଚ୍ଛା ଶକ୍ତି ଥିଲେ ଲକ୍ଷାଧିକ ଟଙ୍କା ରୋଜଗାର କରିବା ଅସମ୍ଭବ ନୁହେଁ। ସେ ନିଜେ ତାହା କରି ଦେଖାଇଛନ୍ତି। ବର୍ତ୍ତମାନ ସେ ଅତି ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ୨୦୧୩ ମସିହାରୁ କିଛି ଗରିବ ପିଲାଙ୍କୁ ସାହାଯ୍ୟ କରି ଆସୁଛନ୍ତି। ନିବାଜିନୀ ବର୍ତ୍ତମାନ ନିଜ ଗାଁରେ ଘର ତୋଳିବା ସହିତ ଭାଇର ବାହା ଘର କରିଛନ୍ତି। ନର୍ସିଂ କରିବାକୁ ଇଚ୍ଛା ରଖିଥିବା ନିବାଜିନୀ ଅର୍ଥ ଅଭାବ ଯୋଗୁଁ ପାଠ ପଢ଼ି ନ ପାରି ଆଜି ଲଣ୍ଡନରେ ଚାଇଲ୍ଡ଼ ଲୁକ ଆପଟେର୍ କାମ କରି ଲକ୍ଷାଧିକ ଟଙ୍କା ଅର୍ଜନ କରୁଛନ୍ତି। ନିବାଜିନୀଙ୍କ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

**ଆସିକା/ବେଲଗୁଣ୍ଠା,୧୧।୬(ସମିସ):** ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ବାଙ୍ଗରଡ଼ା ଗାଁରେ ଜଣେ ମହିଳା ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ବାଙ୍ଗରଡା ଗ୍ରାମର ତପସ୍ୱିନୀ ସାମଲ(୩୪)। ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମଙ୍ଗଳବାର ସକାଳେ ତପସ୍ୱିନୀ ଓ ତାଙ୍କ ସ୍ୱାମୀ ଉମାକାନ୍ତ ସାମଲଙ୍କ ମଧ୍ୟରେ କୌଣସି କାରଣକୁ ନେଇ ସାଧାରଣ ପାଟି ତୁଣ୍ଡ ହୋଇଥିଲା। ତେବେ ଘରେ ସ୍ୱାମୀ ନଥିବା ସମୟରେ ତପସ୍ୱିନୀ ବେକରେ ରଶି ଲଗେଇ ଆତ୍ମହତ୍ୟା କରିବାକୁ ପ୍ରୟାସ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇ ଥିବା ବେଳେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ବିଭିନ୍ନ ଶୈବ ପୀଠରେ ଶୀତଳଷଷ୍ଠୀ

**ଶେରଗଡ଼,୧୧।୬(ସମିସ):** ଶେରଗଡ ସହର ହରିକୃଷ୍ଣପୁରର ବାବା ଚନ୍ଦ୍ରଶେଖରଙ୍କ ସମେତ ଆଖପାଖ ଅଞ୍ଚଳର ସମସ୍ତ ଶୈବ ପୀଠରେ ମଙ୍ଗଳବାର ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଭୁ ଚନ୍ଦ୍ରଶେଖରଙ୍କ ରଥରେ ହରିକୃଷ୍ଣପୁର ଗ୍ରାମ ପରିକ୍ରମା କରାଯାଇ କନ୍ୟା ପିତା ବାଟବରଣ କରି ପ୍ରଭୁଙ୍କୁ ବେଦୀକୁ ନେଇ ବାହାଘର କରିଥିଲେ। ଧରାପୃଷ୍ଠରେ ମନୁଷ୍ୟ ମାନଙ୍କ ବାହାଘର ଭଳି ଦେବ ଦମ୍ପତିଙ୍କ ବିବାହ କରାଯିବା ସହ ବରଯାତ୍ରୀ ବୁଲିବା ସହ ଭୋଜିର ଆସର ଜମିଥିଲା।

## ମା' ସୁନାଦେଈଙ୍କ ତୃତୀୟ ବାର୍ଷିକ ଉତ୍ସବ



**ପୋଲସରା,୧୧।୬(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ବଣ୍ଟପଲ୍ଲୀ ପଞ୍ଚାୟତର ମା' ସୁନାଦେଈଙ୍କ ତୃତୀୟ ବାର୍ଷିକ ଉତ୍ସବ ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି। ମହିରକଣା ପର୍ବତ ପାଦଦେଶରେ ଆବାହନ କାଳରୁ ବିରାଜିତ ମା'ସୁନାଦେଈଙ୍କ ପ୍ରତିବର୍ଷ ଭଳି ଚଳିତ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଶନିବାର ଦିନ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଉକ୍ତ ଉତ୍ସବରେ ମନ୍ଦିରର ପରିଚାଳକ କାହ୍ନୁ ଚରଣ ସାମଲଙ୍କ ନେତୃତ୍ୱରେ ମାଙ୍କ ପୂଜା ପାଠ ହୋମଯଜ୍ଞ, ଅନ୍ନଯଜ୍ଞ ଆୟୋଜିତ ହୋଇଥଲା। ମା'ଙ୍କ ଦର୍ଶନ ଲାଗି ମଥୁରା, ବଣ୍ଟପଲ୍ଲୀ, ଉତ୍ତାପଡ଼ା, ମୁକ୍ତାମାଳଦେଇପୁର ଶାସନ, ବାଲିଘାଇ, ସିଦ୍ଧିପୁର ଗ୍ରାମର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

● ନାଁକୁ ମାତ୍ର ଜଳଛତ୍ର

## ହାଣ୍ଡି ନାହିଁ କି ପାଣି ନାହିଁ

**ସାନଖେମୁଣ୍ଡି,୧୧।୬(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ୨୬ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ରହିଛି ପାନୀୟ ଜଳର ଅଭାବ। ପ୍ରତ୍ୟେକ ଗାଁ ଗହଳିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତକୁ କୋଟି କୋଟି ଟଙ୍କା ଅନୁଦାନ ଆସୁଥିଲେ ମଧ୍ୟ ତାହା ଯାଉଛି କୁଆଡେ ତାହା ଜଣା ପଡୁନି। ଯେଉଁ ପଞ୍ଚାୟତ ଅଧିକାରୀଙ୍କୁ ପଚାରିଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ୨ ମାସ ପୂର୍ବେ ସାନଖେମୁଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ୧୬ଟି ପଞ୍ଚାୟତର ବିଭିନ୍ନ ବସ୍ ଷ୍ଟପ ନିକଟରେ ଜଳ ଛତ୍ର ଖୋଲାଯାଇଥିଲା। କିନ୍ତୁ ଜଳଛତ୍ର ଖୋଲିବାର ୨ ମାସ ପରେ ଏବେ ସେଗୁଡିକରେ ଅବ୍ୟବସ୍ଥା ଦେଖାଦେଇଛି। କେଉଁଠି ପାଣି ନାହିଁ ତ କେଉଁଠି ହାଣ୍ଡି ନାହିଁ ତ କେଉଁଠି ପାନୀୟ ଜଳ ଯୋଗାଣ ପୋଷ୍ଟର ଅଛି କିନ୍ତୁ ହାଣ୍ଡି ନାହିଁ କି ପାଣି ନାହିଁ। ଫଳରେ ଯାତ୍ରୀ ଓ ପଥଚାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ତୁଡ଼ଙ୍ଗପୁର ପଞ୍ଚାୟତ ପଳାଶପୁର ଛକ ନିକଟରେ। ତେବେ କାହା ପାଇଁ ଖୋଲା ଯାଇଛି ଜଳଛତ୍ର ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।




ଶୁଖିଗଲାଣି ଭଞ୍ଜନଗର ଜଳଭଣ୍ଡାର

# ଗଚ୍ଛିତ ୨୫ ପ୍ରତିଶତ ଜଳରେ ହେଉଛି ପାନୀୟ ଜଳ ଯୋଗାଣ

**ଭଞ୍ଜନଗର,୧୧।୬(ସମିସ)**

ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ନଦୀ, ନାଳ, ପୋଖରୀ ଓ ଜଳାଶୟ ସବୁ ଶୁଖି ଯାଇଛି। ସେହିପରି ଭଞ୍ଜନଗର ସହରରେ ଥିବା ବିରାଟ ଜଳଭଣ୍ଡାରରେ ଏବେ କେବଳ ୨୫% ଜଳ ହିଁ ଗଚ୍ଛିତ ରହିଛି। ଓଡିଶାକୁ ମୌସୁମୀ ଛୁଇଁଥିବା ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ହେଲେ ଆଶାନୁରୂପ ସେଭଳି ବର୍ଷା ହୋଇନାହିଁ। ଆଜି ଅପରାହ୍ନରେ ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ କିଛିଟା ବର୍ଷା ହୋଇଛି। ଦୀର୍ଘ ବର୍ଷ ହେଲା ଭଞ୍ଜନଗର ଅଞ୍ଚଳରେ ପାନୀୟ ଜଳଯୋଗାଣ ଓ ଚାଷ ଜମିରେ ଜଳସେଚନର ସୁବିଧା ଯୋଗାଇ ଆସୁଛି ଭଞ୍ଜନଗର ଜଳ ଭଣ୍ଡାର। ହେଲେ ଗତବର୍ଷ ସ୍ୱଳ୍ପ ବୃଷ୍ଟି କାରଣରୁ ଜଳସେଚନ ଓ ପାନୀୟ ଜଳଯୋଗାଣ ପାଇଁ ବହୁବାର କେନାଲ ଯୋଗେ ପାଣି ଛଡ଼ା ଯାଇଛି। ବର୍ତ୍ତମାନ ଜଳ ଭଣ୍ଡାରରେ ବହୁତ କମ ପରିମାଣରେ ଜଳ ସଂରକ୍ଷିତ ରହିଛି। ଏହି ଗଚ୍ଛିତ ଜଳକୁ ବର୍ତ୍ତମାନ କେବଳ ଭଞ୍ଜନଗର ସହରରେ ପାନୀୟ ଜଳଯୋଗାଣ ପାଇଁ ବ୍ୟବହାର କରାଯାଉଛି।



ଗତ ସେପ୍ଟେମ୍ବର ମାସରୁ ଆଶାନୁରୂପ ବର୍ଷା ହୋଇ ନଥିବାରୁ ଏଠାରେ ଜଳସ୍ତର ହ୍ରାସ ପାଇଛି। ଭଞ୍ଜନଗର ସହରକୁ ପାନୀୟ ଜଳଯୋଗାଣ ଓ ଫିସେରୀ ପାଇଁ ଜଳର ଆବଶ୍ୟକତା ଥିବାବେଳେ ବର୍ଷା ହିଁ ଏକମାତ୍ର ଭରସା ଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ହେଲେ ଯାଇ ଏହି ସମସ୍ୟାର ସମାଧାନ ହୋଇପାରିବ। ପୂର୍ବରୁ ଭଞ୍ଜନଗର ଅଞ୍ଚଳରେ ଅଧିକାଂଶ ସମୟରେ ମରୁଡ଼ି ଏକ ମୁଖ୍ୟ ସମସ୍ୟା ଥିଲା। ଏହାକୁ ଦୃଷ୍ଟିରେ ରଖି ୧୮୯୪ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଇଂରେଜମାନେ ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟରୁ ମୁକ୍ତି ପାଇଁ ଦୁଇଟି ପାହାଡ଼କୁ ସଂଯୋଗ କରି ୧୩୧୦ ୬୦ମିଟର ଏକ ହୁଡ଼ା ନିର୍ମାଣ କରିଥିଲେ। ଉକ୍ତ ସ୍ଥାନରେ ବସବାସ କରୁଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ସେଠାରେ ଜଳ ସଂରକ୍ଷଣ ଉଦ୍ଦେଶ୍ୟରେ ରସଲକୋଣ୍ଡା ଜଳଭଣ୍ଡାର ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ତାହା ଭଞ୍ଜନଗର ଜଳଭଣ୍ଡାର ନାମରେ ପରିଚିତ ହେଲା। ଏହାର ଜଳଧାରଣ କ୍ଷମତା ହେଉଛି ୫.୭୬୬ ହେକ୍ଟୋମିଟର। ଏଠାରୁ ପ୍ରତିବର୍ଷ ଜୁଲାଇ ମାସ ୧୫ ତାରିଖରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୪ମାସ ଜଳସେଚନ ନିମନ୍ତେ କେନାଲ ଯୋଗେ ପାଣି ଛଡ଼ାଯାଏ। ଯାହା ଫଳରେ ପ୍ରାୟ୧୩୪୮ ୪୭ ହେକ୍ଟର ଚାଷଜମି ଜଳସେଚିତ ହୋଇଥାଏ। ସେହିପରି ଏଠାରୁ କେନାଲ ଯୋଗେ ବ୍ରହ୍ମପୁରକୁ ପାନୀୟ ଜଳଯୋଗାଣ ପାଇଁ ମଧ୍ୟ ପାଣି ଛଡ଼ା ଯାଇଥାଏ। ହେଲେ ବର୍ତ୍ତମାନ ଭଞ୍ଜନଗର ଜଳ ଭଣ୍ଡାର ଶୁଖିଲା ପଡିଛି। ଫଳରେ ପାଣି ଭିତରେ ବୁଡ଼ି ରହିଥିବା ଏକ ମନ୍ଦିର ବର୍ତ୍ତମାନ ଦୃଶ୍ୟମାନ ହେଉଛି। ତେଣୁ ଏହି ବର୍ଷାଋତୁରେ ସଠିକ ଭାବେ ବର୍ଷା ହେଲେ ଯାଇ ଜଳଭଣ୍ଡାର ପୂର୍ବ ଭଳି ପୁରି ଉଠିବ ବୋଲି ଜଣାପଡ଼ିଛି।

## ସପ୍ତ ଠାକୁରାଣୀ ଯାତ୍ରା ନେଇ ପ୍ରଶାସନର ପ୍ରସ୍ତୁତି




**ଆସିକା,୧୧।୬(ସମିସ):** ଆସିକାର ଅନ୍ୟତମ ଅଧିଷ୍ଠାତ୍ରୀ ଠାକୁରାଣୀ ମା' ଫୁଲକେଶନୀଙ୍କ ତ୍ରୟୋବାର୍ଷିକ ଯାତ୍ରା ସହ ସହରରେ ସପ୍ତ ଠାକୁରାଣୀଙ୍କ ମିଳନ ଉତ୍ସବ ଆୟୋଜନ ନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ପୌରାହିତ୍ୟରେ ସ୍ଥାନୀୟ ବିଭିନ୍ନ ବିଭାଗର ଅଧିକାରୀ ମାନେ ଅଂଶ ଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ଉପଖଣ୍ଡ ପୁଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ସାଂସଦ ପ୍ରତିନିଧି ଯଜ୍ଞ ନାରାୟଣ ଦାସ, ବିଧାୟକ ପ୍ରତିନିଧି ନିରଞ୍ଜନ ମହାନ୍ତି ମଞ୍ଚାସିନ ଥିବାବେଳେ ବିଡିଓ ଫକୀର ଚରଣ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଯାତ୍ରା ଆସନ୍ତା ୧୮ ତାରିଖରୁ ଅନୁଷ୍ଠିତ ହେଉଥିବା ବେଳେ ଆୟୋଜନ ନେଇ ପ୍ରସ୍ତୁତି ଜୋରଦାର ଚାଲିଛି। ବୈଠକ ରେ ଯାତ୍ରା ପରିଚାଳନା କମିଟିର ଉପଦେଷ୍ଟା ତଥା ସଂଯୋଜକ ସତ୍ୟନାରାୟଣ ରଥ ଗତ ଯାତ୍ରାର ପ୍ରସ୍ତୁତି ଓ ସମନ୍ୱୟ ବୈଠକ ର ବିବରଣୀ ପାଠ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ଥାନାର ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ନାଥ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ସେହିଭଳି ଅଗ୍ନି ଶ୍ରମ ବିଭାଗ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଭଳି ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜ ମତ ଉପସ୍ଥାପନ କରିଥିଲେ। ଆସିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ, ଟିପିଏସଓଡିଏଲ୍ ସହକାରୀ ଯନ୍ତ୍ରୀ ରାକେଶ ପାତ୍ର, ରାସ୍ତା ଓ କୋଠାବାଡ଼ି ବିଭାଗର ରାମକୃଷ୍ଣ ପାଣିଗ୍ରାହୀ, ଆରଡି ବିଭାଗର ତ୍ରିଭୁବନ କହଁର, ଏମଆଇ ଯନ୍ତ୍ରୀ ନୃସିଂହ ପ୍ରସାଦ ସାମନ୍ତରା, ଅବକାରୀ ବିଭାଗର ସ୍ୱାଧୀନ ସାହୁ, ପିଏଚ୍ ସହକାରୀ ନିର୍ବାହୀ ଯନ୍ତ୍ରୀ କାଳୀଚରଣ ପଣ୍ଡା, ଅଗ୍ନିଶମ ବିଭାଗର କୈଳାସ ଚନ୍ଦ୍ର ସାହୁ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଏସ. ଶ୍ରୀନିବାସ ରାଓଙ୍କ ସମେତ ବହୁ ବିଭାଗ ଅଧିକାରୀଙ୍କ ସହଯୋଗ ତଥା ପରାମର୍ଶ ନିଆ ଯାଇଥିଲା। ପରିଚାଳନା କମିଟିର ସଭାପତି ଶିବ ଶଙ୍କର ପାତ୍ର, ମନୋଜ ମୁନୀ, ତାରିଣୀ ସେନାପତି, ରବୀନ୍ଦ୍ର ପୋଲେଇ ସଂଜୟ ସାହୁ, ସୁରେନ୍ଦ୍ର ବିଷୋୟୀ, ସରୋଜ ଦାସ, ପ୍ରସନ୍ନ ତ୍ରିପାଠୀ, ଦେବା ହରି ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର



**ଛତ୍ରପୁର,୧୧।୬(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଚାଲିଥିବା ସଂକୁଳସ୍ତରୀୟ ସାମୂହିକ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଯାଇଛି। ସଂକୁଳ ସଂଯୋଜକ ତଥା ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ କରିଥିଲେ। ସଂକୁଳ ପ୍ରମୁଖ ଜେ. କୁର୍ମୈୟା ରାଓ ଅଧକ୍ଷତା କରିଥିଲାବେଳେ ରମ୍ଭାର ପ୍ରଧାନାଚାର୍ଯ୍ୟ ଶ୍ରୀଧର ପ୍ରଧାନ ପ୍ରଶିକ୍ଷଣର ବୃତ୍ତ ପଠନ କରିଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ସେନା ଅଧିକାରୀ ଶ୍ରୀରାମ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ରହି ଆଚାର୍ଯ୍ୟ ଜୀବନ କିପରି ହେବା ଆବଶ୍ୟକ ସେ ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସଂକୁଳ ଅନ୍ତର୍ଗତ ୬ଟି ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଯଥା ରବୀନ୍ଦ୍ରନାଥ ଦାଶ, ସନ୍ତୋଷ କୁମାର ମିଶ୍ର, ତ୍ରିନାଥ ନାୟକ, ଆଦିତ୍ୟ ପ୍ରସାଦ ମହାପାତ୍ର, ନିତ୍ୟାନନ୍ଦ ସାହୁ, ଶ୍ରୀଧର ପ୍ରଧାନ ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା । ଶେଷରେ ନରେନ୍ଦ୍ରପୁର ପ୍ରଧାନାଚାର୍ଯ୍ୟ ତ୍ରିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ଅବିନାଶ ଶତପଥୀ, ଅନସ୍ଲୋ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ସେଠୀ, ବିଦ୍ୟୁତ ବିଭାଗର ଅଧିକାରୀ ଇଂ ରାଜ କିଶୋର ବଲ୍ଲଭ ଯୋଗ ଦେଇଥିଲେ। ପ୍ରବଚକ ଶ୍ରୀରାମ ଶଙ୍କର ଶତପଥୀ ଯୋଗ ଦେଇ ଶ୍ରୀରାମଙ୍କ ଆଦର୍ଶ ଉପରେ ମାର୍ଗ ଦର୍ଶନ କରିଥିଲେ। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ସାମ୍ବାଦିକ ତଥା ସମାଜସେବୀ ବସନ୍ତ କୁମାର ମହାରାଣା, କାଉନ୍ସିଲର ଏମ .ଅରୁନ୍ଧତୀ ରେଡ୍ଡୀ, ଶୁଭେଚ୍ଛୁ ଅଭିଭାବକ ଅଭିଭାବିକା, ପୂର୍ବଛାତ୍ର, ପରିଚାଳନା ସମିତିର କର୍ମକର୍ତ୍ତା ଓ ମାତୃ ଭାରତୀର ସଦସ୍ୟା ସହଯୋଗ କରିଥିଲେ।

## ଢାବା ଓ ଫାଷ୍ଟ ଫୁଡ୍ ଦୋକାନରେ ମଦ ବେପାର | ଅବକାରୀ ବିଭାଗର ନିଘା ନାହିଁ

**ସାନଖେମୁଣ୍ଡି,୧୧।୬(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅଞ୍ଚଳରେ ଗଢି ଉଠିଥିବା ଢ଼ାବା ଓ ଫାଷ୍ଟ ଫୁଡ୍ ଦୋକାନ ଗୁଡିକରେ ବେଆଇନ୍ ଭାବେ ଦେଶୀ ଓ ବିଦେଶୀ ମଦ ବେପାର ଚାଲିଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଅବକାରୀ କର୍ମଚାରୀ ନୀରବ ଦ୍ରଷ୍ଟା ସାଜୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଗଞ୍ଜାମ-ଗଜପତି ମୁଖ୍ୟ ରାସ୍ତା ଡେଙ୍ଗାଓସ୍ତା, ପୋଡ଼ାମାରି, ଦସେଇପୁର, ଅଞ୍ଚଳର ମୁଖ୍ୟ ରାସ୍ତା କଡ଼ରେ ୧୦ରୁ ଉର୍ଦ୍ଧ୍ୱ ଢ଼ାବା ଗଢ଼ି ଉଠିଥିବା ବେଳେ ପାଟପୁର ଥାନା ଅଞ୍ଚଳର ସମସ୍ତ ଗ୍ରାମରେ ୪ ଉର୍ଦ୍ଧ୍ୱ ଫାଷ୍ଟ ଫୁଡ୍ ସେଣ୍ଟର୍ ଗଢି ଉଠିଛି। କିନ୍ତୁ ପ୍ରତ୍ୟେକ ଢ଼ାବା ଓ ଫାଷ୍ଟ ଫୁଡ଼ ସେଣ୍ଟର୍‌ରେ ଖାଦ୍ୟ ସାମଗ୍ରୀ ମିଳିବା ସହ ବେଆଇନ୍ ମଦ ବିକ୍ରୀ କରାଯାଉଛି। ତେବେ ଏସବୁ ମଧ୍ୟର ସ୍ଥାନୀୟ ଅବକାରୀ ବିଭାଗ କୌଣସି ଢ଼ାବା ଓ ଫାଷ୍ଟଫୁଡ ଦୋକାନରେ ଚଢାଉ କରିବାକୁ ସାହସ କରୁନାହିଁ। ମଦ୍ୟପାନ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜିବନ ହାନି ହେଉଛି। ବଜାରରେ ଗଢି ଉଠିଥିବା କୁଟିଆ ମଦ ବେପାରୀ ମାନଙ୍କୁ ପୁଲିସ ଓ ଅବକାରୀ ବିଭାଗ କର୍ମଚାରୀ ଧରୁଥିବାବେଳେ ଯେଉଁ ଢ଼ାବା ଓ ଫାଷ୍ଟ ଫୁଡ୍ ଗୁଡିକରେ ମଦ ଗଚ୍ଛିତ ହୋଇ ରହିଥାଏ ସେ ଗୁଡିକରେ ଚଢ଼ାଉ କରାଯାଉନାହିଁ। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ପ୍ରତ୍ୟେକ ଗ୍ରାମର ୪ରୁ ଉର୍ଦ୍ଧ୍ୱ ସ୍ଥାନରେ ଦେଶୀ ମଦ ବିକ୍ରି କରାଯାଉଥିଲେ ମଧ୍ୟ ଅବକାରୀ ବିଭାଗ ଚଢ଼ାଉ କରୁନଥିବା ହେତୁ ଭୋର ୪ରୁ ରାତ୍ର ୧୨ ପର୍ଯ୍ୟନ୍ତ ଦେଶୀ ଓ ବିଦେଶୀ ମଦ ଦୋକାନ ଖୋଲା ରହୁଛି। ଅନ୍ୟ ପକ୍ଷରେ ଅବକାରୀ ବିଭାଗ ଓ ମଦ ମାଫିଆ ମାନଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ମଦ ବେପାରୀ ମାନେ କୁଟୀର ଶିଳ୍ପରେ ପରିଣତ କରିଛନ୍ତି। ରାସ୍ତା କଡରେ ଦେଶୀ ବିଦେଶୀ ମଦ ବିକ୍ରୀ କରାଯାଉଥିବା ବେଳେ ରାସ୍ତାରେ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀ ଓ ଲୋକ ମାନେ ଅସୁରକ୍ଷିତ ମଣୁଛନ୍ତି। ତୁରନ୍ତ ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ଚଢ଼ଉ କରି ବେଆଇନ ଦେଶୀ, ବିଦେଶୀ ମଦ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ



**ଭଞ୍ଜନଗର,୧୧।୬(ସମିସ):** ଭଞ୍ଜନଗର ସହର ତଳି ଅଞ୍ଚଳ ଲଣ୍ଡେଇ ସାହି ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଥିବା ଶିବ ମନ୍ଦିରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ରଘୁବୀର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଭଞ୍ଜନଗର ସହର ବାସିନ୍ଦା ଚନ୍ଦ୍ରଶେଖର ଆଚାରୀ ଓ ଲଣ୍ଡେଇ ସାହି ବାସିନ୍ଦା ଲକ୍ଷ୍ମଣ ପଣ୍ଡା ଯଥାକ୍ରମେ କନ୍ୟା ପିତା ଓ ବର ପିତା ହୋଇ ଉକ୍ତ କାର୍ଯ୍ୟକୁ ଯଥାବିଧି ସମାପନ କରିଥିଲେ। କନ୍ୟା ପକ୍ଷ ଓ ବରପକ୍ଷ ପାରମ୍ପରିକ ରୀତିରେ ଏକ ଭବ୍ୟ ପଟୁଆରରେ ଅସି ମନ୍ଦିର ପରିସରରେ ଉପସ୍ଥିତ ହୋଇଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ, ସଦସ୍ୟ ଅନୁପମ ବାନାର୍ଜୀ, ଡକ୍ଟର ସୁବାସ ପ୍ରଧାନ, ସୁରେନ୍ଦ୍ର ଗୌଡ଼, ବସନ୍ତ ପଣ୍ଡା, ମାଗତା ବିଷୋୟୀ, ଗରିବ ସ୍ୱାଇଁ, ମଞ୍ଜୁଲତା ପଣ୍ଡା, ସୁବାସ ପ୍ରଧାନ, ବଳରାମ ପ୍ରଧାନ, ରଘୁନାଥ ଜେନା, ଉପଦେଷ୍ଟା ମଣ୍ଡଳୀର ପ୍ରଫେସର କୃତ୍ତିବାସ ବିଶ୍ୱାଳ, ଶିବରାମ ପଣ୍ଡା, ଉଦୟନାଥ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୁରୋହିତ ରାଜେନ୍ଦ୍ର ଶତପଥୀ ଓ ମନୋଜ ପାଢୀ ଯଥାରୀତି ଅନୁସାରେ ସମାପନ କରିଥିଲେ। ସେହିପରି ଭଞ୍ଜନଗରର ପ୍ରସିଦ୍ଧ ବେଲେଶ୍ୱର ପୀଠ ସମେତ ଅନ୍ୟାନ୍ୟ ଶିବ ମନ୍ଦିରରେ ମଧ୍ୟ ଶୀତଳ ଷଷ୍ଠୀ ଉତ୍ସବ ପାଳନ କରାଯାଇଛି।

## ଏମକେସିଜି ପରିସରରୁ ପାର୍କିଂ 'ଫି' ଆଦାୟରୁ ଓହରିଲା ଘରୋଇ ସଂସ୍ଥା



■ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହୋଇଥିଲା ଅଭିଯୋଗ ଓ ବିରୋଧ
■ ବିଧାୟକଙ୍କ ହସ୍ତକ୍ଷେପ ପରେ ପଦକ୍ଷେପ ନେଲେ ମେଡିକାଲ କର୍ତ୍ତୃପକ୍ଷ

**ବ୍ରହ୍ମପୁର,୧୧।୬(ସମିସ):** ବିଳମ୍ବରେ ହେଲେ ମଧ୍ୟ ଏମକେସିଜି ମେଡିକାଲ ପରିସରରୁ ପାର୍କିଂ ଫି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ଡାକ୍ତରଖାନା ପରିସରରେ ଗତ ଏକବର୍ଷ ଧରି ବିଭିନ୍ନ ସ୍ଥାନରେ ଏପରିକି କାଜୁଆଲଟି, ବହିର୍ବିଭାଗ ଓ ଇନ୍‌ଡୋର ଭଳି ମୋଟ ୧୬ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଗାଡି ରଖିଲେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ପୂର୍ବରୁ ଏହି ସ୍ଥାନଗୁଡିକରେ ପାର୍କିଂ ବାବଦରେ ବାଇକ ପାଇଁ ୧୦ଟଙ୍କା, ଅଟୋ ପାଇଁ ୧୫ଟଙ୍କା ଓ କାର ପାଇଁ ୨୦ଟଙ୍କା ଫି' ଦେବାକୁ ପଡୁଥିଲା। ଏହି ଫି ଆଦାୟ ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ମେଡିକାଲ କର୍ତ୍ତୃପକ୍ଷ ଟେଣ୍ଡର ଜରିଆରେ ଦେଇଥିଲେ। ତେବେ ଜରୁରୀକାଳୀନ ଚିକିତ୍ସାସେବା ପାଇଁ ଆସୁଥିବା ବ୍ୟକ୍ତିଙ୍କୁ ଏଭଳି ଫି ପ୍ରଦାନ କରିବାକୁ ନେଇ ସାଧାରଣରେ ତଥା ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ଏହାକୁ ନେଇ ଆନ୍ଦୋଳନ ଓ ଧାରଣା ମଧ୍ୟ ଦିଆଯାଇଥିଲା। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନବ ନିର୍ବାଚିତ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ କହିଥିଲେ। ଏନେଇ ସମ୍ପୃକ୍ତ ଘରୋଇ ସଂସ୍ଥା ସହ ଡାକ୍ତରଖାନା କର୍ତ୍ତୃପକ୍ଷ ଆଲୋଚନା କରିବା ପରେ ପାର୍କିଂ ଫି ଆଦାୟ ଭଳି କାର୍ଯ୍ୟରୁ ଖୋଦ୍ ସମ୍ପୃକ୍ତ ଘରୋଇ ସଂସ୍ଥା ଓହରି ଯାଇଥିବା ଜଣାପଡିଛି। ଫଳରେ ମଙ୍ଗଳବାର ଠାରୁ ଏମକେସିଜି ମେଡିକାଲ କ୍ୟାମ୍ପସରୁ ଏଣିକି ଆଉ ପାର୍କିଂ ଫି ଆଦାୟ କରାଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଏପରିକି ମେଡିକାଲର ବିଭିନ୍ନ ପାର୍କିଂ ସ୍ଥଳରେ ମାଗଣା ପାର୍କିଂ ବାବଦରେ ସୂଚନା ଫଳକ ଲାଗିଥିବା ଦେଖିବାକୁ ମିଳିଛି। ଯାହାକୁ ପ୍ରାରମ୍ଭରୁ ଲୋକଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲେ ହେଁ ମେଡିକାଲ କର୍ତ୍ତୃପକ୍ଷ ଚୁପ ରହିଥିଲେ। ତେବେ ଏଥିରେ ବ୍ରହ୍ମପୁରର ନବ ନିର୍ବାଚିତ ବିଧାୟକ କେ. ଅନୀଲ କୁମାରଙ୍କ ହସ୍ତକ୍ଷେପ ଯୋଗୁ ଏହା ସମ୍ଭବ ହୋଇଥିବା ଜଣାପଡିଛି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏନେଇ ବିଧାୟକ ଅନୀଲ କୁମାର କହିଛନ୍ତି ଯେ' ମେଡିକାଲ ପରିସରରେ ପାର୍କିଂ ବାବଦରେ ଫି ଆଦାୟ କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ପୂର୍ବରୁ ଅସନ୍ତୋଷ ଲାଗି ରହିଥିଲା ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହି ବ୍ୟବସ୍ଥାକୁ ବିରୋଧ କରାଯାଉଥିଲା। ଏଣୁ ସମସ୍ୟାର ସମାଧାନ କରିବା ତଥା ଲୋକଙ୍କ ସୁବିଧା ପାଇଁ ସେ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି।

## ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

**ଦିଗପହଣ୍ଡି,୧୧।୬(ସମିସ):** ଦିଗପହଣ୍ଡି ବ୍ଲକ ନରେନ୍ଦ୍ରପୁର ଗ୍ରାମର ପୂର୍ବତନ ନାଏବ ସରପଞ୍ଚ ଜି.ରଙ୍ଗନାଥ ରେଡ୍ଡୀଙ୍କ ୯୨ ବର୍ଷ ବୟସରେ ପରଲୋକ ଘଟିଛି। ସେ ବି.ତୁରୁବୁଡ଼ି ପଞ୍ଚାୟତର ଦୁଇ ଥର ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ଗାଁ ମୁଖିଆ ଭାବେ ପରିଚିତ ଥିବାବେଳେ ରେଡ୍ଡୀ ସମାଜର କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ବି.ତୁରୁବୁଡ଼ି ପଞ୍ଚାୟତ ସରପଞ୍ଚ ବି.ଲିଙ୍ଗରାଜ ଦୋରା, କେ.ଅଭିମନ୍ୟୁ ରେଡ୍ଡୀ, ଏଲ୍.ଭାସ୍କର ରେଡ୍ଡୀ, ପୂର୍ବତନ ସରପଞ୍ଚ କେ.ସଞ୍ଜୀବ କୁମାର ରେଡ୍ଡୀ, ସି. ଏଚ. କ୍ରିଷ୍ଣା ରେଡ୍ଡୀ, ବି.ରୋହିତେଶ୍ୱ ରେଡ୍ଡୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ମରଶରୀର ଶୋଭାଯାତ୍ରାରେ ସାମିଲ ଥିଲେ। ତାଙ୍କ ଏକମାତ୍ର ପୁଅ ଜି.ରମେଶ ରେଡ୍ଡୀ ମୁଖାଗ୍ନି ଦେଇଥିଲେ। ତାଙ୍କ ଆକସ୍ମିକ ବିୟୋଗ ଖବର ପାଇ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାୟ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## କଂଗ୍ରେସର ନିର୍ବାଚନୀ ଫଳାଫଳ ସମୀକ୍ଷା



**ଆସିକା,୧୧।୬(ସମିସ):**୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣାକୁ ନେଇ କଂଗ୍ରେସର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସିକା ବିଣୀବିହାରୀ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ଆସିକା ବିଧାୟିକା ପ୍ରାର୍ଥିନୀ ସୁରଭି ଓ ସନ୍ତୁ ବିଷୋୟୀ ଯୋଗଦେଇ ଦଳର ପରାଜୟ ବିଷୟରେ ସମୀକ୍ଷା କରିଥିଲେ। ସେହିପରି ୨୦ ଦିନ ଧରି ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ସବୁ ପଞ୍ଚାୟତ ଓ ଆସିକା ମ୍ୟୁନିସିପାଲିଟିର ସମସ୍ତ ୱାର୍ଡକୁ ଯାଇ କଂଗ୍ରେସ ଲୋକଙ୍କ ସହ ଯୋଡି ହୋଇ ଦୁଃଖ ସୁଖ ସାଉଁଟିଛି। ଦଳ ଆଗାମୀ ଦିନରେ ଅଧିକ ସୁଦୃଢ଼ ହେବ ବୋଲି ସୁରଭି କହିଛନ୍ତି। ଆସିକା ନିର୍ବାଚନମଣ୍ଡଳୀର ହରିଡାପଦର, ସୁନାରିଝୋଲୋ, ଆଲିପୁରୁ, ଆମ୍ବୁପୁଆ, ମଙ୍ଗଳପୁରୁ, ଗଙ୍ଗାପୁର, ଖଣ୍ଡଦେଉଳୀ, ଦେବଭୂମି, ନଳବଣ୍ଟା, କନିଆରି, ବରଙ୍ଗା, ନିମିନା, କେନ୍ଦୁପଦର ଭଳି ବିଭିନ୍ନ ପଞ୍ଚାୟତର ବହୁ କର୍ମୀଙ୍କୁ ନେଇ ମାନସ ମନ୍ଥନ ହୋଇଥିଲା।

# ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କଲେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ



**ପାରଳାଖେମୁଣ୍ଡି, ୧୧।୬(ସମିସ):** ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଇଥିବା ସଡକ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରିଥିବା ୩ ଜଣଙ୍କୁ ଆରକ୍ଷୀ ଅଧିକ୍ଷକ ପୁରସ୍କୃତ କରିଛନ୍ତି। ସେମାନେ ହେଲେ କାଶୀନଗର ଥାନା ଅନ୍ତର୍ଗତ ଲାଙ୍ଗାପାଗୁଡାର ନାଗେଶ ଶବର, ସୁରେଶ ଶବର ଏବଂ ଗୁରାଣ୍ଡି ଥାନା ଅନ୍ତର୍ଗତ ପାଟିକୋଟା ଗ୍ରାମର ଏସ୍. ହରିକ୍ରିଷ୍ଣା। ସେମାନଙ୍କୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍. କୁମାର ନିଜ କାର୍ଯ୍ୟାଳୟ ପରିସରରେ ସମ୍ମାନପତ୍ର ପ୍ରଦାନ କରିବା ସହ ପ୍ରତ୍ୟେକଙ୍କୁ ଦୁଇ ହଜାର ଟଙ୍କା ଲେଖାଁଏ ଆର୍ଥିକ ରାଶି ପ୍ରଦାନ କରିଛନ୍ତି। ଏନେଇ ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାଧବାନନ୍ଦ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦୁର୍ଘଟଣା ସ୍ଥଳରୁ ଲୋକଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ପହଞ୍ଚାଇବା ଏକ ମାନବିକତାର କାର୍ଯ୍ୟ। ଏଭଳି କାର୍ଯ୍ୟ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଆପଣାଇବା ଉଚିତ। କାରଣ ଏପରି ମହତ୍ୱପୂର୍ଣ୍ଣ ଓ ମାନବିକତା କାର୍ଯ୍ୟ ଦ୍ୱାରା ଜଣକର ଅମୂଲ୍ୟ ଜୀବନକୁ ରକ୍ଷା କରାଯାଇପାରିବ ବୋଲି ଶ୍ରୀ ନାୟକ କହିଛନ୍ତି।

## ସହକାରୀ କିରାଣିଙ୍କ ଅକାଳ ବିୟୋଗ

**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୧୧।୬(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ମିଞ୍ଜାପଙ୍କା ଗ୍ରାମର ଶିଶିର କାନ୍ତ ପରିଛା (ସହକାରୀ କିରାଣି)ଙ୍କ ବିୟୋଗ ଗତ ଶୁକ୍ରବାର ରାତିରେ ବାଲିଗୁଡ଼ାରେ ରହୁଥିବା ଭଡା ଘରେ ହୋଇଛି। ବାଲିଗୁଡ଼ାରୁ ଆଲୀୟ ସୋଜନଙ୍କ ସହାୟତାରେ ମରଶରୀରକୁ ବ୍ରାହ୍ମଣୀଗାଁସ୍ଥିତ ବାସଭବନକୁ ଅଣାଯାଇ ରବିବାର ପରିବାରର ସଦସ୍ୟ ଓ ଆତ୍ମୀୟଙ୍କ ଉପସ୍ଥିତିରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମାପନ କରାଯାଇଥିଲା।



ତାଙ୍କର ମୃତ୍ୟୁରେ ପତ୍ନୀ ଓ ୪ ଝିଅ ସମ୍ପୂର୍ଣ୍ଣ ଅସହାୟହୋଇ ପଡ଼ିଛନ୍ତି। ଶିଶିର କୋଟଗଡ଼ ବ୍ଲକ କାର୍ଯ୍ୟାଳୟରେ ସହକାରୀ କିରାଣି ଭାବେ କାର୍ଯ୍ୟ କରୁଥିଲେ। ଏହି ଦୁଃଖଦ ଘଟଣାରେ କୋଟଗଡ଼ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଶୋକସନ୍ତପ୍ତ ପରିବାରକୁ ୫୦୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ଶ୍ରୀ ପରିଛା ଗତ ଶୁକ୍ରବାର ଦିନ ଅଫିସ୍ କାର୍ଯ୍ୟରେ ଫୁଲବାଣୀ ଯାଇଥିଲେ। କାର୍ଯ୍ୟ ସାରି ଅପରାହ୍ନରେ ଫେରି ବାଲିଗୁଡା ସ୍ଥିତ ଭଡା ଘରେ ଥିଲେ। ସେହି ଦିନ ଶିଶିରଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଶପଥ ପାଠ ଉତ୍ସବରେ ଦିଲୀପ ପାହାନଙ୍କ ପରିବାରକୁ ନିମନ୍ତ୍ରଣ

**ଖଲ୍ଲିକୋଟ, ୧୧।୬(ସମିସ):** ବୁଧବାର ଓଡ଼ିଶାରେ ବିଜେପିର ନୂତନ ସରକାର ଗଠନ ହେବାକୁ ଯାଉଛି। ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ଚଳିତ ନିର୍ବାଚନରେ ସବୁଠୁ ଚର୍ଚ୍ଚିତ ରାଜନୈତିକ ହିଂସା ଘଟଣାରେ ପ୍ରାଣ ହରାଇଥିବା ବିଜେପି କର୍ମୀ ଦିଲ୍ଲୀପ ପାହନଙ୍କ ପରିବାର। ମୃତ ଦିଲ୍ଲିପଙ୍କ ପରିବାରକୁ ବିଜେପି ତରଫରୁ ଶପଥ ସମାରୋହରେ ଯୋଗ ଦେବା ପାଇଁ ସ୍ୱତନ୍ତ୍ର ନିମନ୍ତ୍ରଣ ହୋଇଛି। ଗତ ମାସ ୧୫ ତାରିଖରେ ନିର୍ବାଚନରେ ପୋଷ୍ଟର ମାରିବାକୁ କେନ୍ଦ୍ର କରି ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ହିଂସାକାଣ୍ଡ ହୋଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ହଣାହଣି ହେବାରୁ ବିଜେପି କର୍ମୀ ଦିଲ୍ଲୀପ ପାହାନଙ୍କ ମୃତ୍ୟୁ ହୋଇଥିଲା। ତେବେ ଉକ୍ତ ଘଟଣାରେ ବର୍ତ୍ତମାନ ସୁଦ୍ଧା ପୁଲିସ ସମିତିସଭ୍ୟ ରାଜୁ ତରେଇଙ୍କୁ ମିଶାଇ ମୋଟ ୨୦ ଜଣଙ୍କୁ ବିଭିନ୍ନ ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି।

## ଏମ୍‌କେସିଜି ମେଡିକାଲ କଲେଜର ଆଣ୍ଟିରାଗିଂ କମିଟି ବୈଠକ

**ବ୍ରହ୍ମପୁର,୧୧।୬(ସମିସ):** ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଟି ରାଗିଂ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଗତ ମାସରେ ଏମକେସିଜି ମେଡିକାଲ କଲେଜର କିଛି ଏମ୍‌ବିବିଏସ ଛାତ୍ରଙ୍କୁ ରାଗିଂ କରାଯାଇଥିବା ଦିଲ୍ଲୀ ସ୍ଥିତ ଆଣ୍ଟି ରାଗିଂ ସେଲରେ ଅଭିଯୋଗ ହୋଇଥିଲା। ସେତେବେଳେ ଏମକେସିଜି ଆଣ୍ଟି ରାଗିଂ କମିଟି ବୈଠକ ବସି ଘଟଣାର ତଦନ୍ତ କରାଯିବା ସହ ରିପୋର୍ଟ ପ୍ରଦାନ କରାଯାଇଥିଲା। ତେବେ ଏମକେସିଜି ପକ୍ଷରୁ ଯେଉଁ ତଦନ୍ତ କରାଯାଇଥିଲା ଏବଂ ରିପୋର୍ଟ ଦିଆଯାଇଥିଲା ତାକୁ ନେଇ ରାଗିଂର ଶିକାର ହୋଇଥିବା ଛାତ୍ରମାନେ ସନ୍ତୁଷ୍ଟ ନହେବାରୁ ପୁଣିଥରେ ତଦନ୍ତ କରିବାକୁ ରାଗିଂ ସେଲ ପକ୍ଷରୁ ଏମକେସିଜିକୁ କୁହାଯାଇଥିଲା। ସେହିକ୍ରମରେ ମଙ୍ଗଳବାର ଏମକେସିଜି ମେଡିକାଲ କଲେଜ ରାଗିଂ କମିଟି ବୈଠକ ହୋଇଥିଲା। ହେଲେ ରାଗିଂ କମିଟି ବୈଠକକୁ ୮ ଜଣ ଡକାଯାଇଥିଲା। କିଛି ଛାତ୍ର କ୍ୟାମ୍ପସରେ ଅନୁପସ୍ଥିତ ଥିବାରୁ ଏହି ବୈଠକ ଆଜି ସଫଳ ହୋଇପାରିନଥିବା ଜଣାପଡିଛି। ତେଣୁ ଘଟଣାର ତଦନ୍ତ ଆଗାମୀ ଦିନରେ ମଧ୍ୟ ଚାଲୁ ରହିବ ବୋଲି ରେଜିଷ୍ଟ୍ରାର ଶ୍ରୀ ପଣ୍ଡା କହିଛନ୍ତି।

# କାଳବୈଶାଖୀ ଓ କୁଆପଥର ମାଡ଼ରେ ବ୍ୟାପକ କ୍ଷୟକ୍ଷତି

### ଝଡ଼ିଗଲା ୩ ମହଲା କୋଠାର ସମ୍ମୁଖ କାଚଫ୍ରେମ





**ବାଲିଗୁଡା, ୧୧।୬(ସମିସ)**

କନ୍ଧମାଳ ଜିଲ୍ଲା ବାଲିଗୁଡାରେ ମଙ୍ଗଳବାର ପ୍ରବଳ ବର୍ଷା ଘଡଘଡି ସହ କୁଆପଥର ପଡ଼ିବା ଦେଖାଦେଇଛି। ପ୍ରବଳ ପବନ ଯୋଗୁ ବହୁ ଜାଗାରେ ବଡ ଗଛ ଉପୁଡି ଯାଇଥିବା ହେତୁ ବାଲୁଗୁଡାକୁ ବହୁ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ସେବା ବନ୍ଦ ହୋଇଯାଇଥିଲା। ବହୁ ସମୟ ଧରି ବଡ଼ ବଡ଼ କୁଆପଥର ପଡ଼ିବା ଦ୍ୱାରା ଅନେକ ଜାଗାରେ ବହୁ କ୍ଷୟ କ୍ଷତି ହୋଇଥିବା ବେଳେ ବାଲିଗୁଡା ବସଷ୍ଟାଣ୍ଡ ନିକଟ ଦଣ୍ଡପାଣି ଲଜର ତିନି ମହଲା ସମ୍ମୁଖର ସମ୍ପୂର୍ଣ୍ଣ କାଚ ଫ୍ରେମ ସହ ଭାଙ୍ଗିଯାଇଛି। ଏଥିରେ ତଳେ ଥିବା ୫ବାଇକ ଭାଙ୍ଗି ଯିବା ସହ ଦୁଇ ଗାଈ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଦମକଳ ବାହିନୀକୁ ଡାକି ଦୁଇଟି ଗାଈକୁ ଉଦ୍ଧାର କରିଥିଲେ।

ପ୍ରବଳ ପବନ ଯୋଗୁ ଅଞ୍ଚଳର ବହୁ ଘରର ଛପର ଉଡିଯିବା ସହ ପ୍ରବଳ ବର୍ଷା ଓ ବିଜୁଳି ଯୋଗୁଁ ବ୍ୟାପକ ବହୁ କ୍ଷୟକ୍ଷତି ହୋଇଛି। ସହରର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ଜଣାପଡ଼ିଛି।

### ବସ୍ ଉପରେ ପଡ଼ିଲା ଗଛ / ସାହି ବସ୍ତିରେ ପଶିଲା ପାଣି



**ଫୁଲବାଣୀ, ୧୧।୬(ସମିସ):** ଫୁଲବାଣୀ ସହରରେ ମଙ୍ଗଳବାର ଅପରାହ୍ଣରେ କାଳବୈଶାଖୀ ସହିତ ପ୍ରବଳ ବର୍ଷା ଓ ପବନ ହୋଇଛି। ଏହାର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ପ୍ରବଳ ପବନ ଯୋଗୁଁ ସ୍ଥାନୀୟ ଏଫସିଆଇ ଛକ ନିକଟରେ ଏକ ବିରାଟ ନିମ୍ବଗଛ ଉପୁଡି ଯାଇ ଏକ ଯାତ୍ରୀବାହୀ ବସ ଉପରେ ପଡ଼ି ଯାଇଥିଲା। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ଅପରପକ୍ଷେ, କାଳବୈଶାଖୀ ପ୍ରଭାବରେ ପବନ ସାଙ୍ଗକୁ ଦୁଇ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ଏହି ଅତର୍କିତ ବର୍ଷା ଯୋଗୁଁ ସହର ଅନେକ ସାହି ବସ୍ତିରେ ପାଣି ପଶି ଯାଇଥିଲା। ତଳିଆ ଅଞ୍ଚଳରେ ଥିବା ଘର ଭିତରକୁ ପାଣି ପଶିଯିବା ଫଳରେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସହରର ଅନେକ ସ୍ଥାନରେ ଗଛ ଉପୁଡି ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ ତାର ଉପରେ ଗଛ ପଡ଼ି ଯିବାରୁ ଅନେକ ଅଞ୍ଚଳକୁ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି।

## କାର ବଜାରରେ 'ଟୟୋଟା'ର ନୂଆ 'ଅର୍ବାନ କ୍ରୁଇଜର୍ ଟାଇଜର' ପ୍ରବେଶ




**ବ୍ରହ୍ମପୁର, ୧୧।୬(ସମିସ):** ସ୍ଥାନୀୟ ୧୬ନମ୍ବର ଜାତୀୟ ରାଜପଥରେ ଥିବା 'ଲକ୍ଷ୍ମୀ ଟୟୋଟା' ଠାରେ ନିୟୁ ଟୟୋଟା 'ଅର୍ବାନ୍ କ୍ରୁଇଜର ଟାଇଜର'ର ବଜାର ପ୍ରବେଶ ହୋଇଯାଇଛି। ଲକ୍ଷ୍ମୀ ଗ୍ରୁପ'ର ନିର୍ଦ୍ଦେଶକ ଡ଼ି ସତ୍ୟା ରାଓ ଏହି ନୂଆ ଗାଡ଼ିର ଅନାବରଣ କରିଥିଲେ। ଏ ଅବସରରେ ଟୟୋଟା କମ୍ପାନୀର ବ୍ୟବସାୟ ମୁଖ୍ୟ ଦେବୀ ପ୍ରସାଦ ସାହୁ, ମାର୍କେଟିଂ ହେଡ଼ ବିକ୍ରମ ପୃଷ୍ଟି, ସେଲ୍ସ ମ୍ୟାନେଜର ବିକ୍ରମ ପୋଲେଇ, ଜୁଲେସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ଗାଡ଼ି ୫ଟି ଭିନ୍ନ ଭିନ୍ନ ମଡେଲ ଏବଂ ରଙ୍ଗରେ ଉପଲବ୍ଧ ରହିଛି। ବଜାରରେ ଏହାର ପ୍ରବେଶ ପରେ ଗାଡ଼ି ଚାଳକଙ୍କ ମଧ୍ୟରେ ନୂତନ ଉତ୍ସାହ ଦେଖାଦେଇଛି। ସାମ୍ପ୍ରତିକ ସ୍ଥିତିକୁ ଖାପ ଖୁଆଇଲା ଭଳି ଏହି ଗାଡ଼ିର ଚାହିଦା ମଧ୍ୟ ସର୍ବାଗେ ରହିବ ବୋଲି କମ୍ପାନୀ ଆଶା ବାନ୍ଧିଛି। ଏହାର ବେସ ମଡେଲ ଏକ୍ସ ଶୋ ରୁମ୍ ମୂଲ୍ୟ ୭, ୭୩, ୫୦୦ ଟଙ୍କା ରହିଛି। ଏଥିସହିତ ଓ ଡିଲର ପ୍ରମୁଖଙ୍କ ଦ୍ୱାରା ଗ୍ରାହକଙ୍କ ପାଇଁ ଟେଷ୍ଟ ଡ୍ରାଇଭର ସୁବିଧା ମଧ୍ୟ ଦିଆଯାଉଛି। ସବୁ ବୟସ ବର୍ଗର ଲୋକଙ୍କୁ ସୁହାଇଲା ଭଳି ଏହି ଗାଡି ନିର୍ମିତ ହୋଇଚି। ଏଥିରେ ଡବଲ ଇଞ୍ଜିନ ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ 'ଅର୍ବାନ କ୍ରୁଇଜର ଟାଇଜର'ରେ ରହିଛି ଅନେକ ଆଡଭାନ୍ସ ଫିଚର୍ସ। ଟୟୋଟାର ଏହି ନୂତନ ଗାଡି ଅସାଧାରଣ ଶକ୍ତିସମ୍ପନ୍ନ ଇଞ୍ଜିନ ଦ୍ୱାରା ପରିଚାଳିତ ହେବ। ୧.୦ ଲିଟର ଟର୍ବୋ, ୧୨ଲିଟର ପେଟ୍ରୋଲ ଏବଂ ଇ-ସିଏନଜିର ବିକଳ୍ପ ବ୍ୟବସ୍ଥା ମଧ୍ୟ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ଉପ-ପ୍ରବନ୍ଧକ ସନତାନ ରାଉତ, ଅନ୍ୟତମ ଉପ ପ୍ରବନ୍ଧକ ଆଶୁତୋଷ ଶତପଥୀ ଓ ଅରୁଣ ପଣ୍ଡା, ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପ-ପ୍ରବନ୍ଧକ ରାଜକିଶୋର ସାମନ୍ତରାୟ, ସହକାରୀ ପ୍ରବନ୍ଧକ ଶୁଭଙ୍କର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ୍ବପୁଆରେ ଶୀତଳଷଷ୍ଠୀ ଯାତ୍ରା

**ବ୍ରହ୍ମପୁର, ୧୧।୬(ସମିସ):** ବ୍ରହ୍ମପୁର ସହରର ବିଭିନ୍ନ ଶୈବ ପୀଠ ମାନଙ୍କରେ ପ୍ରଭୁ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ତଥା ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ଆମ୍ବପୁଆ ନୂଆସାହି ସ୍ଥିତ ହରଗୌରୀ ମନ୍ଦିରରେ ହରଗୌରୀଙ୍କ ବିବାହ ଓ ମହୋତ୍ସବ ଅନୁଷ୍ଠିତ ହୋଇଛି। ସକାଳେ ଗୌରୀଙ୍କୁ ସ୍ୱତନ୍ତ୍ର ବୀମାନରେ ଗ୍ରାମ ପରିକ୍ରମା କରାଯାଇ କନ୍ୟା ପିତାଙ୍କ ଘରକୁ ନିଆଯାଇଥିଲା। ସେଠାରେ ମା'ଙ୍କୁ କନ୍ୟାପିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ଘରେ ରଖାଯାଇଥିଲା। ସନ୍ଧ୍ୟାରେ ହରଗୌରୀ ଦୁହେଁଙ୍କୁ ଦୁହେଁଙ୍କୁ ବାଜାବାଜଣା ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବିରାଟ ଶୋଭାଯାତ୍ରାରେ ସ୍ୱତନ୍ତ୍ର ବୀମାନରେ ଗ୍ରାମର ବିଭିନ୍ନ ସାହି ପରିକ୍ରମା କରିବାପରେ ବାଟବରଣ କରାଯାଇ ବିବାହ ବେଦିକୁ ନିଆଯାଇଥିଲା। ପୂଜକ ସୁରେନ୍ଦ୍ରନାଥ ଶତପଥୀଙ୍କ ନେତୃତ୍ୱରେ ବରପୀତା ପ୍ରତାପ ସାହୁ ଓ ତାଙ୍କ ପତ୍ନୀଙ୍କ ସହ କନ୍ୟାପିତା ଶିବରାମ ଚୌଧୁରୀ ଓ ତାଙ୍କ ଧର୍ମପତ୍ନୀ ବେଦୀରେ ରହି ବିବାହ ସମ୍ପନ୍ନରେ ସହଯୋଗ କରିଥିଲେ। ରବିନାରାୟଣ ଶତପଥୀ, ଦୀନବନ୍ଧୁ ଶତପଥୀ, ନିଗମର ଡେପୁଟି ମେୟର ଇ.ବିବେକ ରେଡ୍ଡି, ଇ.ଡିଲେଶ୍ୱ ରେଡ୍ଡି, ଲିଟୁ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ବିବାହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନୂଆସାହି କମିଟି ବୃନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ସମସ୍ତ ଜନସାଧାରଣ ଏହି ବିବାହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଶୀତଳଷଷ୍ଠୀରେ ଗ୍ରାମ୍ୟ ପରିବେଶ ଉତ୍ସବମୁଖର

**ଗଞ୍ଜାମ, ୧୧।୬(ସମିସ):** ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ଶୀତଳଷଷ୍ଠୀ ଅବସରରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଦେବ ଦମ୍ପତିଙ୍କ ବିରାଟ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରିଛନ୍ତି। ସ୍ଥାନୀୟ ଗ୍ରାମବାସୀ ମନ୍ଦିର ନିକଟରୁ ପାଛୋଟି ନେବା ସହ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଇଛନ୍ତି। ଏହି ଅବସରରେ ଗ୍ରାମରେ ଠାକୁରଙ୍କ ଉଧେଶ୍ୱର ପ୍ରତ୍ୟେକ ଦ୍ୱାରରେ ଭୋଗ ନୈବେଦ୍ୟ ସମର୍ପଣ କରିଥିବା ଲକ୍ଷ୍ୟ କରାଯାଇଛି। ସେହିପରି ଗଞ୍ଜାମ ସହର କାଶୀ ବିଶ୍ୱନାଥ ମନ୍ଦିରରୁ ମଧ୍ୟ ଦେବଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ ଦେବ ଦମ୍ପତିଙ୍କ ବିବାହ ଶୋଭାଯାତ୍ରା ନଗର ପରିକ୍ରମା କରିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଅଚଳରେ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



### ସରିବ ଗ୍ରୀଷ୍ମଛୁଟି, ଖୋଲିବ ସ୍କୁଲ୍

# ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ

**ବ୍ରହ୍ମପୁର, ୧୧।୬(ସମିସ)**



ଆସନ୍ତା ୧୭ତାରିଖରେ ଖୋଲିବ ସମସ୍ତ ଶିକ୍ଷାନୁଷ୍ଠାନ। ତେବେ ୧୭ତାରିଖରେ ଇଦ୍ ଉଲ ଜୁହା ପଡୁଥିବାରୁ ଶିକ୍ଷାନୁଷ୍ଠାନ ଗୁଡିକ ୧୮ ତାରିଖରେ ଖୋଲିବା ସମ୍ଭାବନା ରହିଛି। ତେବେ ଦିର୍ଘ ଦିନର ଗ୍ରୀଷ୍ମ ଅବକାଶ ଓ ଇତି ମଧ୍ୟରେ ବିଦ୍ୟାଳୟ ଗୁଡିକରେ ନିର୍ବାଚନ ପାଇଁ ବୁଥ୍ କରାଯାଇଥିବାରୁ ବିଦ୍ୟାଳୟ ଗୁଡିକର ରକ୍ଷଣାବେକ୍ଷଣ ସଠିକ ଭାବେ ହୋଇପାରି ନାହିଁ। ଫଳରେ ବିଭିନ୍ନ ବିଦ୍ୟାଳୟରେ ଅନାବନା ଗଛ ଉଠି ପରିବେଶ ନଷ୍ଟ ହୋଇଥିବା ବେଳେ ଶୌଚାଳୟଗୁଡିକ ମଧ୍ୟ ଅପରିଷ୍କାର ଭାବେ ପଡ଼ିଥିବା ଦେଖିବାକୁ ମିଳିଛି। ସେପଟେ ପିଲାଙ୍କ ମଧ୍ୟାହ୍ନ ଭୋଜନରେ ବ୍ୟବହୃତ ସାମଗ୍ରୀଗୁଡିକର ମଧ୍ୟ ସଫାସୁତୁରା କରିବା ଜରୁରୀ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ସ୍କୁଲ ଖୋଲିବା ପୂର୍ବରୁ ସବୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଜିଲ୍ଲା ସମୟ ବ୍ଲକର ଶିକ୍ଷାଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଚିଠି ଜରିଆରେ ଅବଗତ କରାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ଶ୍ରେଣୀଗୃହ, କ୍ୟାମ୍ପସ ସଫା କରାଯିବା ସହ ଅନାବନା ଗଛ କାଟି ସ୍କୁଲ ପରିସର ପରିଷ୍କାର କରିବାକୁ କୁହାଯାଇଛି। ଏହାସହ ସ୍କୁଲରେ ମଧ୍ୟାହ୍ନ ଭୋଜନ ସହ ପାନୀୟ ଜଳର ବି ଯାଞ୍ଚ କରିବାକୁ କୁହାଯାଇଛି। ସେହିପରି ସ୍କୁଲ ଖୋଲିବାର ଗୋଟିଏ ଦିନ ପୂର୍ବରୁ ପାଚିକା ଓ ସହାୟିକାଙ୍କୁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ସ୍କୁଲ ଖୋଲିବାର ସପ୍ତାହେ ପୂର୍ବରୁ ସମସ୍ତ ଶ୍ରେଣୀଗୃହ ଓ କ୍ୟାମ୍ପସକୁ ସଫାସୁତୁରା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପକ୍ଷରୁ ନିର୍ଦ୍ଦେଶ ରହିଛି। ସେହିପରି ସ୍କୁଲର ପାଣି ଟାଙ୍କି ସଫା କରିବା, ଶ୍ରେଣୀଗୃହର ଆସବାବପତ୍ର ସଫା କରି ଠିକ୍ ଭାବେ ସଜାଇବା ଓ ଶୌଚାଳୟକୁ ବ୍ୟବହାର ଉପଯୋଗୀ କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର, ଗ୍ୟାସ୍ ଚୁଲା ପରି ଆନୁଷଙ୍ଗିକ ପ୍ରସ୍ତୁତି କରିବା, ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ସହ ଇଣ୍ଟରନେଟ୍ ସଂଯୋଗ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ସ୍କୁଲରେ ସ୍ୱଚ୍ଛତା ନେଇ ସମସ୍ତ କାର୍ଯ୍ୟ ହୋଇଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଚଳିତ ମାସ ୧୭ତାରିଖରେ ଜିଲ୍ଲା ଏବଂ ରାଜ୍ୟ ଯାଞ୍ଚ ଟିମ୍ ବିଭିନ୍ନ ସ୍କୁଲ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ଏହାକୁ ନେଇ ବିଭିନ୍ନ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ ତପ୍ରରତା ପ୍ରକାଶ ପିଥିବା ଦେଖିବାକୁ ମିଳିଛି।




## ରୋଗୀଙ୍କୁ ରକ୍ତଦାନ କରି ମାନବିକତା ଦେଖାଇଲେ ପୁଲିସ କର୍ମଚାରୀ ଅଶୋକ



**ବ୍ରହ୍ମପୁର, ୧୧।୬(ସମିସ):** ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜାରି ରହିଥିବାରୁ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଏଭଳି ପରିସ୍ଥିତିରେ ରୋଗୀଙ୍କୁ ରକ୍ତଦାନ କରିବା ଏକ ମହତ କାର୍ଯ୍ୟ। ମଙ୍ଗଳବାର ଏମକେସିଜି ମେଡ଼ିକାଲରେ ଚିକିତ୍ସାଧିନ ଥିବା କୋରାପୁଟର ଜଣେ ରୋଗୀଙ୍କୁ ରକ୍ତର ଆବଶ୍ୟକ ପଡ଼ିଲା। ରୋଗୀଙ୍କ ସମ୍ପର୍କୀୟମାନେ ବହୁ ଚେଷ୍ଟା କରିବା ପରେ ମଧ୍ୟ ରକ୍ତ ମିଳିନଥିଲା। ରକ୍ତ ଭଣ୍ଡାରରେ ରକ୍ତର ସଙ୍କଟ ଯୋଗୁଁ ଏହି ଆବଶ୍ୟକତା ମେଣ୍ଟାଇବା ସମ୍ଭବପର ନଥିଲା। ଏହି ଖବର ପାଇବାପରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ୨୦୨୩ ବ୍ୟାଚର ଏପିଆର କନେଷ୍ଟବଳ ଅଶୋକ କୁମାର ପ୍ରଧାନ ଉକ୍ତ ରୋଗୀଙ୍କୁ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। ଏବଂ ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଭଳି କାର୍ଯ୍ୟ କରି କନେଷ୍ଟବଳ ଅଶୋକ ଖୁସିବ୍ୟକ୍ତ କରିବା ସହ ସମସ୍ତଙ୍କୁ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ନିବେଦନ କରିଛନ୍ତି। ଏଭଳି ମହତ କାର୍ଯ୍ୟ ପାଇଁ ଅଶୋକଙ୍କୁ ବିଭିନ୍ନ ମହଲରୁ ପ୍ରଶଂଶାର ସୁଅ ଛୁଟିଛି।

